# ମତଦାନ ପରେ ମେୟର ପ୍ରାର୍ଥୀ, ମନ୍ତ୍ରୀ ଓ ବିଧାୟକ





ଭୁବନେଶ୍ୱର ମେୟର ପ୍ରାର୍ଥୀ ସୁଲୋଚନା ଦାସ(ବିଜେଡି) ବାମରୁ, ସୁନିତ ମୁଣ୍ଡ(ଭାଜପା) ଓ ମଧୁସ୍ମିତା ଆଚାର୍ଯ୍ୟ(କଂଗ୍ରେସ)





କଟକ ମେୟର ପ୍ରାର୍ଥୀ ସୁବାସ ସିଂ(ବିଜେଡି), ଗିରିବାଳା ପ୍ରଧାନ(କଂଗ୍ରେସ) ଓ ଶ୍ରୀତମ ଦାସ(ଭାଜପା)



ଝିଅଙ୍କ ସହ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା






ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ରାଜେନ୍ଦ୍ର କୁମାର ସାହୁ ଓ ମହମ୍ମଦ ମୋକିମ୍

## ପିଙ୍କ୍, ମଡେଲ ବୁଥ୍
# ଭିନ୍ନ ଅନୁଭବ ପାଇଲେ ଭୋଟର

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ମତଦାନ ହାର କମିବାରେ ଲାଗିଛି। ତେବେ ଚଳିତ ବର୍ଷ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ କେତେକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହରର କ୍ୟାପିଟାଲ ହାଇସ୍କୁଲ ଓ ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ୨ଟି ପିଙ୍କ ବୁଥ୍ ଓ ଅନ୍ୟସ୍ଥାନରେ ୫ଟି ମଡେଲ ବୁଥ୍ କରାଯାଇଥିଲା। ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ହୋଇଥିବା ପିଙ୍କ୍ ବୁଥ୍‌କୁ ଗୋଲାପି ରଙ୍ଗ ସହ ବେଶ୍ ଆକର୍ଷଣୀୟ ଭାବେ ପ୍ରସ୍ତୁତ କରାଯାଇଥିଲା। ଗୋଲାପି ରଙ୍ଗର ବେଲୁନରେ ସଜାଯିବା ସହ ପୋଷ୍ଟର ଓ ଟେଣ୍ଟକୁ ମଧ୍ୟ ସମାନ ରଙ୍ଗର କରାଯାଇଥିଲା। ଭୋଟରଙ୍କ ପାଇଁ ପାଣି, ଶୌଚାଳୟ ଆଦିର ବ୍ୟବସ୍ଥା କରାଯାଇଥିଲା। ତେବେ ଏଠାରେ ପ୍ରଥମକରି ମତଦାନ କରୁଥିବା ଭୋଟରମାନେ ନୂଆ ଅନୁଭବ ପାଇଥିଲେ। ପିଙ୍କ ବୁଥ୍ ଓ ମଡେଲ ବୁଥ୍ ଲେଖା ହୋଇଥିବା ସ୍ଥାନରେ ଛିଡ଼ା ହୋଇ ସେଲ୍ଫିର ମଜା ମଧ୍ୟ ନେଇଥିଲେ।



“ଅଧିକାଂଶ ଲୋକ ବାହାରେ ରହି ପାଠ ପଢ଼ିବା ଓ ଚାକିରି କରିବା ଦ୍ୱାରା ଭୁବନେଶ୍ୱରରେ ଭୋଟରଙ୍କ ସଂଖ୍ୟା କମିଯାଉଛି। ଏଥର ପ୍ରଥମଥର ପାଇଁ ମୁଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଡେଲ ବୁଥ୍‌ରେ ଭୋଟ ଦେଇଛି। ଭୋଟଦାନ ପ୍ରକ୍ରିୟା ଶାନ୍ତି ଶୃଙ୍ଖଳା ଓ ଉଚିତ ପଦ୍ଧତି ଅନୁସାରେ ଚାଲିଥିଲା। ବାହାରେ ଥିବା ପୋଲିସ କର୍ମଚାରୀ ଭେରିଫାଏ କରି ଭିତରକୁ ଛାଡୁଥିଲେ।

- ସ୍ମୃତିସ୍ନିଗ୍ଧା ପଟ୍ଟନାୟକ, ଭୋଟର

“କ୍ୟାପିଟାଲ ହାଇସ୍କୁଲ ପିଙ୍କ୍ ବୁଥ୍‌ରେ ଭୋଟ ଦେଇଥିବା ଭୋଟର ଶିଳ୍ପା ବେହେରା କହିଛନ୍ତି, ଭୋଟ ଦେବା ଏକ ଅଧିକାର। ତେବେ ପିଙ୍କ୍ ବୁଥରେ ଭୋଟ ଦେବା ଅନୁଭବ ନିଆରା ଥିଲା। ବେଶ୍ ଶୃଙ୍ଖଳିତ ଥିଲା। ଭିତରେ ପ୍ରିଜାଇଡିଂ ଓ ଅନ୍ୟ ଅଫିସରମାନେ ସମସ୍ତେ ମହିଳା ହୋଇଥିବାରୁ ଭୋଟ ଦେବାକୁ ଭଲ ଲାଗିଲା।

- ଶିଳ୍ପା ବେହେରା, ଭୋଟର



“ରାଜଧାନୀ କଲେଜ ମଡେଲ ବୁଥ୍‌ରେ ବେଶି ଗହଳି ନାହିଁ। ଆରାମରେ ଭୋଟ ଦେଇ ଫେରିଲି। ବହୁତ ଭଲ ଭାବରେ ମତଦାନ ବ୍ୟବସ୍ଥା ହୋଇଛି। ଏପରି ବ୍ୟବସ୍ଥା ହେଲେ ବୁଢ଼ାବୁଢ଼ୀ, ରୋଗୀ ସମସ୍ତେ ସୁରୁଖୁରୁରେ ଭୋଟ ଦେଇପାରିବେ ଓ ଭୋଟ ଦେବାକୁ ଆସିବାକୁ ଇଚ୍ଛା କରିବେ।

-ସୁରେନ୍ଦ୍ର ପଟ୍ଟିଆ, ଭୋଟର



“ଜଣେ ମହିଳା ହିଁ ମହିଳାଙ୍କ କଥା ଠିକ୍‌ରେ ବୁଝିପାରିବ। ଏଥର ୟୁନିଟ୍-୧ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ପିଙ୍କ୍ ବୁଥ୍ କରାଯାଇଥିବାରୁ ମୁଁ ବେଶ୍ ସହଜରେ ଭୋଟ ଦେଇପାରିଲି। ଏଠାରେ ମହିଳା ଅଫିସରମାନେ ଥିଲେ। ଏହି ପ୍ରୟାସ ଆଗକୁ ଚାଲୁ ରହିବା ଆବଶ୍ୟକ। ତେବେ ଏଥର କିଛି ପରିବର୍ତ୍ତନର ଆଶା ରହିଛି। ଭୋଟରମାନେ ମଧ୍ୟ ଉଚିତ୍ ପ୍ରାର୍ଥୀଙ୍କୁ ଆଗକୁ ଆଣିବାରେ ଚେଷ୍ଟା କରିବା ଉଚିତ।

- ବି. ଉର୍ମିଳା ରାଓ, ଭୋଟର

“ସକାଳ ୭ରୁ ସବୁକିଛି ପ୍ରସ୍ତୁତି ଆରମ୍ଭ କରାଯାଇଥିଲା। ଠିକ୍ ୮ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଭୋଟରଙ୍କ ପାଇଁ ପାଣିର ବ୍ୟବସ୍ଥା ମଧ କରାଯାଇଛି। ସବୁକିଛି ଠିକ୍ ଚାଲିବା ସହ ଏଥର ଅଧିକାଂଶ ଶିକ୍ଷିତ ଲୋକ ଭୋଟ୍ ଦେଇଛନ୍ତି। ଶୃଙ୍ଖଳିତ ଭାବେ ସବୁ କିଛି ଚାଲିଛି।

- ଠାକୁର ଚରଣ ସିଂ, ପ୍ରିଜାଇଡିଂ ଅଫିସର, ରାଜଧାନୀ କଲେଜ ମଡେଲ ବୁଥ୍




ଭୁବନେଶ୍ୱରର ଏକ ପିଙ୍କ୍ ବୁଥ୍‌ରେ ହୋଇଥିବା ସେଲ୍‌ଫି ଷ୍ଟାଣ୍ଡରେ ମତଦାନ ପରେ ଦୁଇ ଯୁବତୀ ଫଟୋ ଉଠାଉଛନ୍ତି।

# ଟ୍ରଲି ଭଡ଼ା କରି ଭୋଟ ଦେବାକୁ ଆସିଲେ ୧୨୦ ବର୍ଷିୟା ଭୋଟର



ଭୁବନେଶ୍ୱର,୨୪।୩(ବ୍ୟୁରୋ)

ଭୋଟ ଦେବା ପାଇଁ ଟ୍ରଲି ଭଡ଼ା କରି ଆସିଥିଲେ ୧୨୦ବର୍ଷର ମହିଳା ଭୋଟର ଭାବମଣି ବେହେରା। ଭୁବନେଶ୍ୱର ୟୁନିଟ୍-୨ ବସ୍ତିର ବାସିନ୍ଦା ଭାବମଣି ବୟସର ଅପରାହ୍ନରେ ଉପନୀତ ହୋଇ ମଧ୍ୟ ଆଗ୍ରହର ସହ ଗଣତନ୍ତ୍ରର ମହାନ୍ ପର୍ବରେ ସାମିଲ ହୋଇ ୟୁନିଟ୍-୨ ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ମତଦାନ ସାବ୍ୟସ୍ତ କରିଛନ୍ତି। ସେ ଭଲରେ ଚାଲି ପାରୁ ନ ଥିଲେ କି ଠିକ୍ ଭାବେ କଥା କହି ପାରୁ ନ ଥିଲେ। ତେବେ ସହରରେ ମତଦନ ହାର କମ୍ ରହୁଥିବାବେଳେ ବୟସର ଅପରାହ୍ନରେ ପହଞ୍ଚିଥିବା ଭାବମଣି ଭୋଟ ଦେବାକୁ ଯେଉଁ ପ୍ରୟାସ କରିଛନ୍ତି, ତାହା ନିଶ୍ଚିତ ଅନ୍ୟମାନଙ୍କ ପାଇଁ ଉଦାହରଣ।

# ମତଦାନ କଲେ ମେୟର ପ୍ରାର୍ଥୀ

ଭୁବନେଶ୍ୱର, ୨୪।୩ (ବ୍ୟୁରୋ)

ଚଳିତ ବର୍ଷ ପ୍ରଥମଥର ମେୟର ନିର୍ବାଚନ ସିଧାସଳଖ ହେଉଛି। ବିଶେଷକରି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ନିର୍ବାଚନ ଉପରେ ରାଜ୍ୟର ନଜର ରହିଛି। ଗୁରୁବାର ସକାଳୁ ଚଳଚଞ୍ଚଳ ହୋଇଉଠିଥିଲା। ୭ବର୍ଷ ପରେ ନିର୍ବାଚନ ହେଉଥିବାରୁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ଦେଖା ଦେଇଥିଲା। ତେବେ ଚଳିତ ବର୍ଷ ପ୍ରଥମଥର ମେୟରଙ୍କୁ ଲୋକେ ସିଧାସଳଖ ଭୋଟ ଦେଉଥିବାରୁ ଏହା ଉପରେ ନଜର ସବୁଠାରୁ ଚର୍ଚ୍ଚାରେ ରହିଛି ମହାନଗରର ମେୟର ପଦବୀ। ଦଳୀୟ ପ୍ରାର୍ଥୀଙ୍କ ସମେତ ୧୨ଜଣ ପ୍ରାର୍ଥୀ ଏହି ପଦବୀ ପାଇଁ ଲଢେଇ କରୁଛନ୍ତି। ମାତ୍ର ସମସ୍ତଙ୍କ ନଜର ଦଳୀୟ ହେଭି ୱେଟ୍ ନେତ୍ରୀଙ୍କ ଉପରେ ରହିଛି। ବିଜେଡି ମେୟର ପ୍ରାର୍ଥୀ ସୁଲୋଚନା ଦାସ ୱାର୍ଡ ନଂ ୩୯ ଅନ୍ତର୍ଗତ ନୟାପଲ୍ଲୀର ଏକ ବୁଥ୍‌ରେ ମତଦାନ କରିଥିଲେ। ଅନ୍ୟ ଭୋଟରଙ୍କ ସହିତ ଧାଡ଼ିରେ ଛିଡା ହୋଇ ଶୃଙ୍ଖଳାର ସହ ଭୋଟ ପ୍ରଦାନ କରିଥିଲେ। ଅପରପକ୍ଷେ ଭାଜପା ମେୟର ପ୍ରାର୍ଥୀ ସୁନିତୀ ମୁଣ୍ଡ ୩୨ ନଂ ୱାର୍ଡ ଅନ୍ତର୍ଗତ ଝାରପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ପହଞ୍ଚି ଭୋଟ ଦେଇଥିଲେ। ସୁନୀତି ବେକରେ ପଦ୍ମଫୁଲ ଲୋଗୋ ଥିବା ଏକ ଉତ୍ତରୀୟ ପକାଇବା ସହ ହାତରେ ପଦ୍ମଫୁଲ ଧରି ଭୋଟ୍ କେନ୍ଦ୍ରରେ ପହଞ୍ଚିଥିଲେ। ଏପରିକି ଫୁଲ ଧରି ବୁଥ୍‌କୁ ଯିବା ସହିତ ଭୋଟ୍ ଦେଇଥିଲେ। ସମ୍ପୃକ୍ତ ଅଞ୍ଚଳ ସମ୍ବେଦନଶୀଳ ପରିସରରେ ଆସୁଥିବାରୁ ଭାଜପା ମେୟରଙ୍କ ଏପରି କାର୍ଯ୍ୟକୁ ବିରୋଧିମାନେ ସମାଲୋଚନା କରିବା ସହ ବିରୋଧ କରିଥିଲେ। ସେହିପରି କଂଗ୍ରେସ ପ୍ରାର୍ଥୀ ମଧୁସ୍ମିତା ଆଚାର୍ଯ୍ୟ ଆଇଆର୍‌ସିଭିଲେଜ୍ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସେକ୍ଟର-୧ର ୨୫୩ ନଂ ବୁଥ୍‌ରେ ମତଦାନ କରିଥିଲେ।

# ବୁଥ୍ ଖୋଜି ଖୋଜି ଭୋଟର ନୟାନ୍ତ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

୭ ବର୍ଷ ପରେ ପୌର ନିର୍ବାଚନ ହୋଇଛି। ଏହା ଭିତରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଭୋଟର ଓ ପରିସୀମା ମଧ୍ୟ ବଢ଼ିଛି। ଏଥିପାଇଁ ପୂର୍ବରୁ ୱାର୍ଡ ପୁନର୍ଗଠନ ସହ ନୂଆ ଭୋଟର ସଂଯୋଗ ଓ ସଂଶୋଧନ କରାଯାଇଥିଲା। ଏପରିକି ଅଭିଯୋଗ ଆଧାରରେ ଦ୍ୱିତୀୟ ଥର ମଧ୍ୟ ତାଲିକା ବଦଳିଥିଲା। ଏହାସତ୍ତ୍ୱେ ଗୁରୁବାର ମତଦାନବେଳେ କେତେକ ତ୍ରୁଟି ମଧ୍ୟ ପରିଲକ୍ଷିତ ହୋଇଥିଲା। କାହାର ନାଁ ଭୋଟର ତାଲିକାରେ ନ ଥିଲା ତ ପୁଣି ଆଉ କାହାର ଅନ୍ୟ ୱାର୍ଡକୁ ଚାଲିଯାଇଥିଲା। ଏହା ଜାଣି ନ ପାରି ବହୁ ଭୋଟର ବୁଥ୍‌ରୁ ବୁଥ୍ ଓ ୱାର୍ଡରୁ ୱାର୍ଡ ବୁଲି ନୟାନ୍ତ ହୋଇପଡିଥିଲେ। କେତେଜଣ ଭୋଟର ଭୋଟ ଦେଇଥିବାବେଳେ ଆଉ କେତେଜଣ ନାଁ ନ ପାଇ ମତଦାନରୁ ବଞ୍ଚିତ ହୋଇଥିଲେ। ଆଉ କେତେକ ବୁଥ୍ ଖୋଜି ଖୋଜି ନୟାନ୍ତ ହୋଇଥିବା ଦେଖିବାକୁ ମିଳିଥିଲା। ୱାର୍ଡ ପୁନର୍ଗଠନ ପରେ ୧୮ ଓ ୧୯ ନଂ. ୱାର୍ଡର ଅଞ୍ଚଳ ବଦଳିବା ସହ ପରସ୍ପର ସହ ମିଶିଛି। ଫଳରେ ଉଭୟ ୱାର୍ଡର ଭୋଟର ମତଦାନବେଳେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ୧୮ ନଂ. ୱାର୍ଡ ପାଇଁ ଗୋଟିଏ ସ୍ଥାନରେ ଦୁଇଟି ମତଦାନ କେନ୍ଦ୍ର ଯଥା ଜିଜିପି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗୋପୀନାଥଦେବ ହାଇସ୍କୁଲରେ ହୋଇଥିଲେ ମଧ୍ୟ ଭୋଟରଙ୍କ ସୁବିଧା ପାଇଁ କୌଣସି ସହାୟତା କେନ୍ଦ୍ର ନ ଥିଲା। ଏପରିକି ବୁଥ୍ ଚିହ୍ନିବା ପାଇଁ କିଛି ଫଳକର ବ୍ୟବସ୍ଥା ନ ଥିଲା। ଏହି କେନ୍ଦ୍ର ସାମ୍ନାରେ ୧୯ ନଂ. ୱାର୍ଡ ମତଦାନ କେନ୍ଦ୍ରଗୁଡିକ ସମ୍ପର୍କରେ ସୂଚନ ଦିଆଯାଇଥିଲା। ଏହା ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିଥିଲା।

# ଶେଷ ମତଦାନ କହି କାନ୍ଦି ପକାଇଲେ ୮୮ ବର୍ଷିୟା ମହିଳା

ଭୁବନେଶ୍ୱର,୨୪।୩(ବ୍ୟୁରୋ)



ଅନ୍ନପୂର୍ଣ୍ଣା ଦାସ

ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି)ର ୱାର୍ଡ ନଂ. ୪୯ ଅନ୍ତର୍ଗତ ଆଇଗିଣିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ. ୫୦୯ରେ ଗୁରୁବାର ମତଦାନ କରିଛନ୍ତି ୮୮ ବର୍ଷିଆ ବୃଦ୍ଧା ଅନ୍ନପୂର୍ଣ୍ଣା ଦାସ। ତେବେ ସେ ଭୋଟ ଦେଇ ଯେତିକି ଖୁସି ଓ ଭାବବିହ୍ୱଳ ଥିଲେ ଅଭିନେତା ସବ୍ୟସାଚୀ ତାଙ୍କ ସହ କଥା ହେବା ପରେ ସେ ଆହୁରି ଉତ୍ସାହିତ ହୋଇପଡିଥିଲେ। ଏହି ସମୟରେ ଅନ୍ନପୂର୍ଣ୍ଣା କହିଛନ୍ତି, ଏହା ମୋର ଜୀବନର ଶେଷ ଭୋଟ। ତେଣୁ ମୁଁ ମୋ ମତ ସାବ୍ୟସ୍ତ କରି ଯେତିକି ଖୁସି ଅଛି, ଶେଷ ମତଦାନ ବୋଲି ସେତିକି ଦୁଃଖ କରୁଛି। କାରଣ ମୁଁ ମୋ ଦେଶକୁ ଭଲ ପାଏ। ପୁଣି ଏଠାରେ, ଏଇ ଦେଶରେ ଜନ୍ମ ହୋଇ ମୁଁ ମୋର ମତସାବ୍ୟସ୍ତ କରିବି ବୋଲି କହି କାନ୍ଦି ପକାଇଥିଲେ।

# ପୂର୍ବତନ କର୍ପୋରେଟରଙ୍କୁ ମାଡ଼ ଅଭିଯୋଗ

ଭୁବନେଶ୍ୱର ୨୪।୩ (ବ୍ୟୁରୋ)

ବିଏମ୍‌ସି ପାଇଁ ମତଦାନ ଚାଲିଥିବାବେଳେ ୫୮ ନଂ ୱାର୍ଡର ସ୍ୱାଧୀନ ପାର୍ଥିନୀ ନମିତା ମହାପାତ୍ରଙ୍କ ଭାଇ ତଥା ପୂର୍ବତନ କର୍ପୋରେଟର ମଳୟ କୁମାର ମହାପାତ୍ରଙ୍କୁ ବ୍ରହ୍ମେଶ୍ୱରପାଟଣାସ୍ଥିତ ବୁଥ୍ ପରିସରରେ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସେ ବରଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ ଚାଲିଥିବା ବଡ଼ଗଡ଼ ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ କହିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ ପୋଲିସ ଯଦି କୌଣସି ପଦକ୍ଷେପ ନ ନିଏ ତେବେ ଆଗକୁ ସମର୍ଥକଙ୍କ ସହିତ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ମଳୟ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ବଢ଼ିଲା ସିଏନ୍‌ଜି, ପିଏନ୍‌ଜି ଦର

ନୂଆଦିଲ୍ଲୀ,୨୪।୩: ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପରେ ବର୍ତ୍ତମାନ କମ୍ପ୍ରେସ୍ଡ ନାଚୁରାଲ୍ ଗ୍ୟାସ୍(ସିଏନ୍‌ଜି) ଏବଂ ପାଇପ୍ଡ ନାଚୁରାଲ୍ ଗ୍ୟାସ୍(ପିଏନ୍‌ଜି) ଦାମ୍ ମଧ ବଢ଼ିଛି। ଇନ୍ଦ୍ରପ୍ରସ୍ଥ ଗ୍ୟାସ୍ ଲିମିଟେଡ୍ (ଆଇଜିଏଲ୍) ପକ୍ଷରୁ ବୁଧବାର ବିଳମ୍ବିତ ରାତିରେ ଏନେଇ ଘୋଷଣା କରାଯାଇଛି। ଗୁରୁବାରଠାରୁ ସିଏନ୍‌ଜି ଏବଂ ପିଏନ୍‌ଜିରେ କିଲୋ ପିଛା ୧ଟଙ୍କା ବୃଦ୍ଧି ପାଇଛି। ଆଇଜିଏଲ୍ ୱେବ୍‌ସାଇଟ୍ ତଥ୍ୟ ଅନୁସାରେ ଦିଲ୍ଲୀରେ ସିଏନ୍‌ଜି ଦର କିଲୋପ୍ରତି ଟ.୫୮.୦୧ ରୁ ବୃଦ୍ଧି ପାଇ ଟ.୫୯.୦୧ ରେ ପହଞ୍ଚିଛି। ଚଳିତ ମାସରେ ତୃତୀୟ ଥର ପାଇଁ ସିଏନ୍‌ଜି ଦର ବୃଦ୍ଧି ପାଇଛି। ଗତ ଦୁଇ ଥର ଦରରେ ୫୦ପଇସା ଲେଖାଏଁ ବୃଦ୍ଧି ହୋଇଥିଲା। ବର୍ଦ୍ଧିତ ଦର ଅନୁସାରେ ସିଏନ୍‌ଜିର ବଜାର ଦର କିଲୋ ପିଛା ଟ.୬.୫୦ରେ ପହଞ୍ଚିଛି। ସେହିପରି ପିଏନ୍‌ଜିରେ ଷ୍ଟାଣ୍ଡାର୍ଡ କ୍ୟୁବିକ୍ ମିଟର (ଏସ୍‌ସିଏମ୍) ପିଛା ୧ଟଙ୍କା ବୃଦ୍ଧି ପାଇ ଟ. ୩୬.୬୧ ହୋଇଛି।

### ବିଧାନ ପରିଷଦ ଦାବି ଉଠାଇଲା ବିଜେଡି

ନୂଆଦିଲ୍ଲୀ,୨୪।୩: ଓଡ଼ିଶାରେ ବିଧାନ ପରିଷଦ ଗଠନ ଲାଗି ରାଜ୍ୟ ସଭାରେ ବିଜେଡି ପକ୍ଷରୁ ଗୁରୁବାର ଦାବି କରାଯାଇଛି। ଶୂନ୍ୟକାଳରେ ବିଜେଡି ଏମ୍‌ପି ମୁଜିବୁଲ୍ଲା ଖାନ୍ ଏ ଦିଗରେ ପଦକ୍ଷେପ ନେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ବିଧାନ ପରିଷଦ ଗଠନ ଲାଗି ୨୦୧୮ରେ ରାଜ୍ୟ ବିଧାନସଭାରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇ କେନ୍ଦ୍ର ନିକଟକୁ ପଠାଯାଇଥିଲା। ଉକ୍ତ ପ୍ରସ୍ତାବ ମିଳୁ ନ ଥିବାରୁ ବିଜେଡି ଏମ୍‌ପି ଏନେଇ କେନ୍ଦ୍ରକୁ ଜବାବ ମାଗିଥିଲେ। ପାର୍ଲାମେଣ୍ଟ କିମ୍ବା କେନ୍ଦ୍ର ସରକାର ଦସ୍ତାବିଜ୍ ହଜାଇଦେବା ଆଶ୍ଚର୍ଯ୍ୟର ଘଟଣା ବୋଲି ସେ କହିଥିଲେ। ପୂର୍ବରୁ ବିଜେଡି ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟଙ୍କ ପ୍ରଶ୍ନରେ ରାଜ୍ୟରୁ ସେପରି କୌଣସି ପ୍ରସ୍ତାବ ପାଇ ନ ଥିବା କେନ୍ଦ୍ର ସରକାର କହିଥିଲେ।

### ନିଷିଦ୍ଧ କ୍ଷେପଣାସ୍ତ୍ର ପରୀକ୍ଷା କଲା ଉତ୍ତର କୋରିଆ

ସିଓଲ, ୨୪।୩: ଉତ୍ତରକୋରିଆ ଗୁରୁବାର ଇଣ୍ଟରକଣ୍ଟିନେଣ୍ଟାଲ ବାଲିଷ୍ଟିକ୍ ମିଶାଇଲ (ଆଇସିବିଏମ୍) ପରୀକ୍ଷଣ କରିଛି। ଏହି କ୍ଷେପଣାସ୍ତ୍ର ପରୀକ୍ଷା ପାଇଁ ଉତ୍ତରକୋରିଆ ଉପରେ କଟକଣା ଲାଗିଥିଲେ ହେଁ ଏହାକୁ ଦେଶର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ୍ ଉନ୍ ଖାତିର କରିନାହାନ୍ତି। ୨୦୧୭ ପରଠାରୁ ପ୍ରଥମ କରି ଉତ୍ତରକୋରିଆ ଆଇସିବିଏମ୍ ମିଶାଇଲ ଟେଷ୍ଟ କରିଛି। ଏହି କ୍ଷେପଣାସ୍ତ୍ର ୧,୧୦୦ କିଲୋମିଟର ଅତିକ୍ରମ କରି ଜାପାନ ଜଳସୀମାରେ ପଡ଼ିଥିବା ଟୋକିଓ ପକ୍ଷରୁ କୁହାଯାଇଛି।

### ହିଜାବ ବିବାଦ: ଜରୁରୀ ଶୁଣାଣିକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୨୪।୩: ହିଜାବ ମାମଲାରେ କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନର ଜରୁରୀ ଶୁଣାଣି କରିବାକୁ ଅଦାଲତ ଗୁରୁବାର ମନା କରିଦେଇଛନ୍ତି। ଶ୍ରେଣୀଗୃହରେ ହିଜାବ ପିନ୍ଧିବା ଲାଗି ଅନୁମତି ଦେବାକୁ ଏକାଧିକ ପିଟିଶନ ଦାଏର ହୋଇଥିବାବେଳେ କର୍ଣ୍ଣାଟକ ହାଇକୋର୍ଟ ସେଗୁଡ଼ିକୁ ଖାରଜ କରିଦେଇଥିଲେ। ହିଜାବ ପିନ୍ଧିବା ଇସ୍‌ଲାମ ଧର୍ମରେ ଅତ୍ୟାବଶ୍ୟକ ପ୍ରଥା ନୁହେଁ ବୋଲି ଖଣ୍ଡପୀଠ କହିଥିଲେ। ଆଗକୁ ପରୀକ୍ଷା ଥିବାରୁ ପିଟିଶନର ଜରୁରୀ ଶୁଣାଣି ପାଇଁ ଆବେଦନକାରୀ ମୁସଲମାନ ଛାତ୍ରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦେବଦତ୍ତ କାମାତ୍ ଅନୁରୋଧ କରିଥିଲେ। ପରୀକ୍ଷାକୁ ନେଇ ଆମର କିଛି କରିବାର ନାହିଁ। ମାମଲାକୁ ସମ୍ବେଦନଶୀଳ କରନାହିଁ ବୋଲି ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ କାମାତ୍‌ଙ୍କୁ କହିଛନ୍ତି।

### କୁକୁର ଭୁକାକୁ କେନ୍ଦ୍ରକରି ୮୫ ବର୍ଷୀୟ ବୃଦ୍ଧଙ୍କୁ ହତ୍ୟା

ନୂଆଦିଲ୍ଲୀ,୨୪।୩: କୁକୁର ଭୁକାକୁ କେନ୍ଦ୍ର କରି ଜଣେ ନାବାଳକ ୮୫ ବର୍ଷୀୟ ବୃଦ୍ଧଙ୍କୁ ହତ୍ୟା କରିଛନ୍ତି। ଗତ ଶୁକ୍ରବାର ନାବାଳକ ଜଣକ ଅଶୋକ କୁମାରଙ୍କ କୁକୁରକୁ ଏକ ରଡ୍‌ରେ ପିଟିଥିଲେ। ଅଟକାଇବାବେଳେ ୧୭ ବର୍ଷୀୟ ବାଳକ ଅଶୋକଙ୍କୁ ମଧ ଆକ୍ରମଣ କରିଥିଲେ। ଏ ନେଇ ଅଶୋକଙ୍କ ସ୍ତ୍ରୀ ମୀନା ଅଭିଯୋଗ କରିଛନ୍ତି। ଅଚେତ ଅବସ୍ଥାରେ ଅଶୋକଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୀନାଙ୍କ ବୟାନ ଆଧାରରେ ମାମଲା ରୁଜୁ ହୋଇଛି। ନାବାଳକ ଜଣକ ଫେରାର ଅଛନ୍ତି।

# ଆଇନଶୃଙ୍ଖଳା, ମଣ୍ଡି ସମସ୍ୟା, ନିର୍ବାଚନୀ ହିଂସା ହେବ ମୁଖ୍ୟ ପ୍ରସଙ୍ଗ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ରାଜ୍ୟ ବିଧାନସଭାର ସ୍ୱଳ୍ପକାଳୀନ ବଜେଟ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେଉଛି। ଏହି ଅଧିବେଶନରେ ଆଇନଶୃଙ୍ଖଳା, ମଣ୍ଡି ସମସ୍ୟା, ମାନସ ହତ୍ୟାକାଣ୍ଡ ଓ ନିର୍ବାଚନୀ ହିଂସାକୁ ବିରୋଧୀ ଦଳଗୁଡ଼ିକ ମୁଖ୍ୟ ପ୍ରସଙ୍ଗ କରିବେ।

ଗୁରୁବାର ରାଜ୍ୟ ଭାଜପା କାର୍ଯ୍ୟାଳୟରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ଅଧକ୍ଷତାରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଗୃହ ମଧ୍ୟରେ ରାଜ୍ୟ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରାଯାଇଥିଲା। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ଘଟିଥିବା ରାଜନୈତିକ ଅସହିଷ୍ଣୁତା ଏବଂ ହିଂସାତ୍ମକ ପନ୍ଥାକୁ ଓଡ଼ିଶାରେ ଶାସକ ବିଜେଡି ଆପଣାଇଛି। ଗଞ୍ଜାମ ଜିଲା ହିଞ୍ଜିଳିକାଟୁରେ ୪ ଜଣଙ୍କୁ ହତ୍ୟା କରାଯାଇଛି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯେଉଁଭଳି ଭାବେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିଥିଲେ, ତାହା ଅତ୍ୟନ୍ତ ଲଜ୍ଜାଜନକ। ଏଭଳି ଅମାନବୀୟ ଘଟଣାରେ ଗିରଫ ହୋଇ ଜେଲ୍‌ରେ ଥିବା ଅଭିଯୁକ୍ତ ଜଗଦ୍ଦେବଙ୍କୁ ଶାସକ ଦଳ ପକ୍ଷରୁ



ଭାଜପା କାର୍ଯ୍ୟାଳୟରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀଙ୍କ ଅଧକ୍ଷତାରେ ଭାଜପା ବିଧାୟକ ଦଳ ବୈଠକ।

**ଭାଜପା ବିଧାୟକ ଦଳ ବୈଠକ**

ସୁରକ୍ଷା ପ୍ରଦାନ ଅତ୍ୟନ୍ତ ଚିନ୍ତାଜନକ। ନୟାଗଡ଼ର ଫଟୋ ଖବରଦାତା ମାନସ ସ୍ୱାଇଁ ହତ୍ୟାକାଣ୍ଡ ଏବଂ ଏହି ଘଟଣାରେ ସମ୍ପୃକ୍ତ ଥିବା ମୁଖ୍ୟ ଷଡ଼ଯନ୍ତ୍ରକାରୀଙ୍କୁ ଖସାଇ ଦେବାର ଚକ୍ରାନ୍ତ ସମଗ୍ର ଓଡ଼ିଶାକୁ ଦୋହଲାଇ ଦେଇଛି। ପୋଲିସ ଓ ପ୍ରଶାସନକୁ ଆୟୁଧ କରି ଶାସକ ଦଳ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ହାତେଇବା ଏବଂ ରାଜ୍ୟ ନିର୍ବାଚନ କମିଶନ ଏହି ପ୍ରସଙ୍ଗରେ ନୀରବତା ଅବଲମ୍ବନ କରିବା ଗଣତନ୍ତ୍ର ପ୍ରତି ବିପଦ ଆଣିଛି। ସେହିପରି ଘନଘନ ବିଜୁଳି କାଟ୍, ମଣ୍ଡି ସମସ୍ୟା, ଟୋକନ ପ୍ରଦାନରେ ଅନିୟମିତତା ଆଦି ସମସ୍ୟାର ସମାଧାନ କରିବାରେ ସରକାର ବିଫଳ ହୋଇଛନ୍ତି। ଆସନ୍ତା ଅଧିବେଶନରେ ଭାଜପା ଏହାକୁ ପ୍ରସଙ୍ଗ କରିବ ବୋଲି ବୈଠକରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଥିଲେ। ଏହି ବୈଠକରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ କୁମାର ମହାନ୍ତି, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ନାଉରୀ ନାୟକ, ଡ.ମୁକେଶ ମହାଲିଙ୍ଗ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁକାନ୍ତ ନାୟକ, ଡ.ବୁଧନ ମୁର୍ମୁ, ଇଂ.ଗଣେଶ ରାମ ଖୁଣ୍ଟିଆ, ସନାତନ ବିଜୁଳି, ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଓ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ଅଭିଷେକ ବାନାର୍ଜୀଙ୍କୁ ଇଡି ସମନ

ନୂଆଦିଲ୍ଲୀ,୨୪।୩

କୋଲାକାତା କୋଇଲା ଦୁର୍ନୀତି ଅଭିଯୋଗରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ଆଉଥରେ ସମନ ଜାରି କରାଯାଇଛି। ଜେରା ପାଇଁ ଆସନ୍ତା ୨୯ରେ ଇଡି କାର୍ଯ୍ୟାଳୟରେ ହାଜର ହେବା ଲାଗି ଏଥିରେ ଉଲ୍ଲେଖ ରହିଛି। ତଦନ୍ତରେ ଇଡିକୁ ସମ୍ପୂର୍ଣ୍ଣ


ଅଭିଷେକ ବାନାର୍ଜୀ

ସହଯୋଗ କରିବେ ବୋଲି ଅଭିଷେକ କହିଛନ୍ତି। ଏ ମାମଲା ନେଇ ଅଭିଷେକ ପୂର୍ବରୁ ଇଡି କାର୍ଯ୍ୟାଳୟରେ ହାଜର ହୋଇସାରିଥିବାବେଳେ ଏ ନେଇ ତାଙ୍କୁ ୮ ଘଣ୍ଟା ଧରି ପଚରା ଉଚରା କରାଯାଇଥିଲା।

# ସରପଞ୍ଚଙ୍କ ପରିବାର ଉପରେ ଆକ୍ରମଣ


ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁତରମାନଙ୍କ ଚିକିତ୍ସା ଚାଲିଛି।

- ବାଇକ୍‌ରେ ଆସି ଧାରୁଆ ଅସ୍ତ୍ରରେ ହାଣିଲେ
- ୫ ଗୁରୁତର ମେଡିକାଲରେ ଭର୍ତ୍ତି
- ପରାଜିତ ଗୋଷ୍ଠୀଙ୍କ ହାତ ଥିବା ଅଭିଯୋଗ

ଖମାର, ୨୪।୩(ଡି.ଏନ.ଏ.)

ଗତ ଫେବୃୟାରୀରୁ ପଞ୍ଚାୟତ ନିର୍ବାଚନ ଶେଷ ହେଲାଣି। ହେଲେ ନିର୍ବାଚନୀ ହିଂସା ଥମୁନାହିଁ। ଗୁରୁବାର ଅନୁଗୋଳ ଜିଲା ପାଲଲହଡା ବ୍ଲକ ରଜଡଙ୍ଗ ପଞ୍ଚାୟତର ମହିଳା ସରପଞ୍ଚ ବିଦ୍ୟାଭାରତୀ ସାମଲଙ୍କ ପରିବାର ଉପରେ ଆକ୍ରମଣ ହୋଇଛି। ଦୁର୍ବୃତ୍ତମାନଙ୍କ ଆକ୍ରମଣରେ ସରପଞ୍ଚଙ୍କ ସମେତ ୫ଜଣ ଗୁରୁତର ହୋଇଛନ୍ତି। ପଞ୍ଚାୟତ ନିର୍ବାଚନରେ ପରାଜିତ ଗୋଷ୍ଠୀ ଏହି ଆକ୍ରମଣ ଘଟାଇଥିବା ମହିଳା ସରପଞ୍ଚ ଅଭିଯୋଗ କରିଛନ୍ତି।

ସରପଞ୍ଚ କହିଛନ୍ତି, ସନ୍ଧ୍ୟାରେ ରଜଡଙ୍ଗ ଗାଁରେ ସପ୍ତଦୋଳ ମେଳଣ ଯାତ୍ରା ଚାଲିଥିବାବେଳେ ବାଇକ୍‌ରେ ଆସିଥିବା କେତେଜଣ ଦୁର୍ବୃତ୍ତ ଛୁରାମାଡ କରିଥିଲେ। ଫଳରେ ଘର ସମ୍ମୁଖରେ ଠିଆ ହୋଇଥିବା ତାଙ୍କ ସହ ସ୍ୱାମୀ ସଞ୍ଜୟ କୁମାର ସାମଲ, ଦେଢ଼ଶୁର ବ୍ରଜମୋହନ ସାମଲ, ଦିଅର ସରୋଜ ସାମଲ ଏବଂ ଯାଆ ନିରୁପମା ସାମଲ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଖମାରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପଞ୍ଚାୟତ ନିର୍ବାଚନରେ ସମର୍ଥିତ ପ୍ରାର୍ଥୀ ହାରିଯିବା ପରେ ରାଗ ଶୁଝାଇବା ପାଇଁ ବ୍ଲକ ଯୁବ ବିଜେଡି ସଭାପତି ପ୍ରଶାନ୍ତ ସାମଲ ଓ ତାଙ୍କ ଗୋଷ୍ଠୀ ଏହି ଆକ୍ରମଣ କରିଥିବା ସରପଞ୍ଚ ସାମଲ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଯୁବ ବିଜେଡି ସଭାପତି ପ୍ରଶାନ୍ତ ସାମଲ ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ରାଜନୈତିକ ଆଳ ଦେଖାଇ ତାଙ୍କୁ ଜାଣିଶୁଣି ବଦନାମ କରାଯାଉଥିବା ସେ ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଗ୍ରାମୀଣ ଯୁବକଙ୍କ ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ପାଇଁ କ୍ରୀଡ଼ା ହିଁ ମୂଳମନ୍ତ୍ର: ଚାନ୍ଦ

ଭୁବନେଶ୍ୱର,୨୪।୩

ପୁରୀ ଜିଲା ଗୋପ ବ୍ଲକର ଗାଁ ଯୁବକମାନଙ୍କ ପ୍ରଚେଷ୍ଟାରେ ପ୍ରାୟ ୩୦ରୁ ଅଧିକ ଗ୍ରାମ ଗତ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଗ୍ରାମୀଣ କ୍ରୀଡ଼ା ପ୍ରତିଯୋଗିତା ପାଇଁ ସଂଗଠିତ ହେଉଛନ୍ତି। ଏପରିକି ଚଳିତ ବର୍ଷ ମାର୍ଚ୍ଚ ୨୦ରୁ ୨୨ତାରିଖ ପର୍ଯ୍ୟନ୍ତ ମା' ବେଣୀଧାରୀ ଯୁବକ ସଂଘ ପକ୍ଷରୁ ଏକ ଦିବାରାତ୍ର କ୍ରିକେଟ ମ୍ୟାଚର ଆୟୋଜନ କରାଯାଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଶିଳ୍ପ ଜଗତର ଜଣାଶୁଣା ବ୍ୟକ୍ତିତ୍ୱ ଡ. ତପନ କୁମାର ଚାନ୍ଦ ଯୋଗ ଦେଇ ମା' ବେଣୀଧାରୀ ଯୁବକ ସଂଘକୁ ଉଚ୍ଚ ପ୍ରଶଂସା ସହ ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ମଧ ଯୁବକମାନଙ୍କୁ ଉତ୍ସାହିତ କରାଇଥିଲେ। ଏପରିକି କ୍ରୀଡ଼ା ଓ କସରତ ଭଳି ଖେଳ ଆଉ କେବଳ ଅବସର ବିନୋଦନ ହୋଇ ରହିନାହିଁ ଏହା ବହୁ ଲୋକଙ୍କର ଜୀବିକାରେ ମଧ ପରିଣତ ହୋଇଯାଇଛି। ଗ୍ରାମ ଯୁବକମାନଙ୍କ ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ପାଇଁ ଗ୍ରାମୀଣ କ୍ରୀଡ଼ା ହିଁ ମୂଳମନ୍ତ୍ର ବୋଲି ଚାନ୍ଦ ତାଙ୍କ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ। ସେହିଭଳି ପ୍ରତିଷ୍ଠିତ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ତାଙ୍କ ଗ୍ରାମ ସୁଧାନଗର ନିଜ ପାଇଁ ସର୍ବଦା ପ୍ରିୟ । ସେ ଆହୁରି ମଧ କହିଥିଲେ ଯେ ତାଙ୍କ ପାଖ ଗ୍ରାମର ଡ. ଚାନ୍ଦ


ଡ. ତପନ କୁମାର ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଶିଳ୍ପ ଜଗତର ଜଣେ ଉଚ୍ଚ ଅଧିକାରୀ ହୋଇ ମଧ ନିଜ ଗ୍ରାମକୁ କେବେ ଭୁଲି ପାରିନାହାନ୍ତି। ଏପରିକି ମହାବାତ୍ୟା, ଫନୀ ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ ଡ. ଚାନ୍ଦ ରିଲିଫ ସାମଗ୍ରୀ ତାଙ୍କ ସୁଦୂର କାର୍ଯ୍ୟସ୍ଥଳରୁ ଆଣି ଗ୍ରାମରେ ବଣ୍ଟନ କରିଛନ୍ତି। ସେ ଗ୍ରାମବାସୀଙ୍କ ବିପତ୍ତି ସମୟରେ ସର୍ବଦା ସେମାନଙ୍କୁ ଆବଶ୍ୟକ ସହଯୋଗର ହାତ ବଢାଇଛନ୍ତି।

ଗୋପ ବ୍ଲକର କଣ୍ଟାପଡ଼ା ବିଭିନ୍ନ ଦୃଷ୍ଟିକୋଣରୁ ଏହା ଏକ ଆଦର୍ଶ ଗ୍ରାମ। ଉଭୟ ଅତିଥି ଉକ୍ତ ଅଞ୍ଚଳର ମୂଳ ନିବାସୀ। ଏହି ଗ୍ରାମର ଯୁବକମାନେ ମଧ ସମାଜ ସେବା ପାଇଁ ସର୍ବଦା ସକ୍ରିୟ। ଏପରିକି ପ୍ରଶାସନଠାରୁ କୌଣସି ସାହାଯ୍ୟ ନ ପାଇ ମଧ ସେମାନେ ନିଜ ଅନୁଦାନରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ କରି ସମସ୍ତଙ୍କୁ ଉତ୍ସାହିତ କରୁଛନ୍ତି। ସେହିଭଳି ଦୂରଦୂରାନ୍ତରେ କାର୍ଯ୍ୟ କରୁଥିବା ଗ୍ରାମର ଯୁବକମାନେ ମଧ ଏଭଳି ଉତ୍ସବକୁ ଆସନ୍ତି । ଆର୍ଥିକ ସାହାଯ୍ୟ କରିବା ସହ କ୍ରୀଡାରେ ମଧ ଅଂଶଗ୍ରହଣ କରନ୍ତି। ପରିଶେଷରେ ଗ୍ରାମ ସଭାପତି ମୋହନୀ ବେହେରା, ପ୍ରତିଯୋଗିତା ଆୟୋଜନ କମିଟିର ସଭାପତି ତଥା ନବ ନିର୍ବାଚିତ ପଞ୍ଚାୟତ ପ୍ରତିନିଧି କାହ୍ନୁ ଚରଣ ବେହେରା ଏବଂ ପଦ୍ମଶ୍ରୀ ପ୍ରଭାକର ମହାରଣା ପ୍ରମୁଖଙ୍କ ପକ୍ଷରୁ ଚାନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ଉକ୍ତ କ୍ରୀଡା ପ୍ରତିଯୋଗିତାର ବିଜେତା ଓ ଅଂଶଗ୍ରହଣକାରୀ ଦଳଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

# ରୁଷିଆକୁ ସମର୍ଥନ ଦେଲାନି ଭାରତ

ନୂଆଦିଲ୍ଲୀ, ୨୪।୩

ୟୁକ୍ରେନ୍‌ରେ ମାନବୀୟ ସଙ୍କଟ ଉପରେ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ରୁଷିଆ ଆଣିଥିବା ପ୍ରସ୍ତାବ ଉପରେ ମଧ ଭାରତ ପୂର୍ବଭଳି ନିରପେକ୍ଷ ନୀତି ଆପଣାଇ ଭୋଟ ଦେଇନାହିଁ। ମୋଟ ୧୩ ୟୁଏନ୍‌ଏସ୍‌ସି ସଦସ୍ୟ ରୁଷିଆ ପାଇଁ ମତଦାନରୁ ବିରତ ରହିଛନ୍ତି। ମସ୍କୋ ସପକ୍ଷରେ କେବଳ ଚାଇନା ଏବଂ ନିଜେ ରୁଷିଆ ଭୋଟ ଦେଇଛି। ଫଳରେ ଏହି

**ୟୁଏନ୍‌ଏସ୍‌ସି ଭୋଟରୁ ବିରତ ରହିଲା**

ପ୍ରସ୍ତାବ ୟୁଏନ୍‌ଏସ୍‌ସିରେ ପାରିତ ହୋଇପାରିନାହିଁ। ପୂର୍ବରୁ ୟୁକ୍ରେନ୍ ପ୍ରସଙ୍ଗରେ ଆସିଥିବା ପ୍ରସ୍ତାବ ଉପରେ ଭାରତ ୟୁଏନ୍‌ଏସ୍‌ସିରେ ୨ ଥର ଏବଂ ଜାତିସଂଘ ସାଧାରଣ ସଭାରେ ଥରେ କୌଣସି ପକ୍ଷକୁ ଭୋଟ ନ ଦେଇ ନିରପେକ୍ଷ ରହିଥିଲା।

### ବିଷାକ୍ତ ଖାଦ୍ୟ ଖାଇ ୧୭ ଶିଶୁ ଅସୁସ୍ଥ

ପାଟନା,୨୪।୩: ବିହାର ରାଜଧାନୀ ପାଟନାରେ ୧୭ ଶିଶୁ ବିଷାକ୍ତ ଖାଦ୍ୟ ଖାଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ବିହାର ଦିବସ ପାଇଁ ଆୟୋଜିତ କାର୍ଯ୍ୟକ୍ରମ ସ୍ଥଳ ବାହାରେ ଲାଗିଥିବା ଷ୍ଟଲ୍‌ରୁ ଖାଦ୍ୟ ଖାଇ ସେମାନେ ଅସୁସ୍ଥ ହୋଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମ ପାଇଁ ଔରଙ୍ଗାବାଦରୁ ୧୭ ଜଣ ଶିଶୁ ଆସିଥିଲେ। ବାହାର ଷ୍ଟଲ୍‌ରୁ ଖାଇବା ପରେ ହଠାତ୍ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା। ଚିକିତ୍ସା ପାଇଁ ସେମାନଙ୍କୁ ପାଟନା ମେଡିକାଲରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ୫ ଜଣଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ହୋଇଥିବାବେଳେ ୧୨ଜଣଙ୍କ ଚିକିତ୍ସା ଜାରି ରହିଛି।

# ଫସ୍‌ଫରସ୍ ବୋମା ପକାଇଛି ରୁଷିଆ

କିଭ୍, ୨୪।୩

ସାଧାରଣ ନାଗରିକଙ୍କୁ ଟାର୍ଗେଟ କରି ରୁଷିଆ ଗୁରୁବାର ସକାଳେ ଫସ୍‌ଫରସ୍ ବୋମା ପକାଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଅଭିଯୋଗ ଆଣିଛନ୍ତି। ରୁଷିଆ ପୂର୍ବ ୟୁକ୍ରେନ୍‌ର ଲୁହାନ୍‌ସ୍କ ଅଞ୍ଚଳରେ ହ୍ୱାଇଟ୍ ଫସଫରସ୍ ବୋମା ବ୍ୟବହାର କରିଛି। ସ୍ଥାନୀୟ ଗଭର୍ନର ସେର୍‌ହି ହାଇଦାଇଙ୍କ ସୂଚନା ଅନୁସାରେ, ରୁଷିଆ ଲୁହାନ୍‌ସ୍କର ବିଭିନ୍ନ ସହରରେ ମିଶାଇଲ ସହ ଫସଫରସ୍ ବୋମା ପକାଇଛି। ୟୁକ୍ରେନ୍ ସୈନ୍ୟଙ୍କ ସହ ମୁକାବିଲା କରିପାରୁ ନ ଥିବାରୁ ମସ୍କୋ ଏଭଳି ଘାତକ ଅସ୍ତ୍ର ବ୍ୟବହାର କରିଛି। ଏହା ପୂର୍ବରୁ ଡୋନ୍‌ବାସ୍ ଅଞ୍ଚଳରେ ମଧ ରୁଷିଆ ଫସ୍‌ଫରସ୍ ବୋମା ପକାଇଥିଲା।

ବିଶ୍ୱର ଅଧିକାଂଶ ଦେଶ ଫସ୍‌ଫରସ୍‌ର ସାମରିକ ବ୍ୟବହାର ମଧ କରିଥାନ୍ତି। ବାୟୁ ସଂସ୍ପର୍ଶରେ ଆସିବା ପରେ ତାହା ଜଳିଉଠେ। ଏଥିରୁ ବହୁଳ ମାତ୍ରାରେ ଧୂଆଁ ବାହାରିଥାଏ। ବିଶେଷକରି ରାତିରେ କୌଣସି ଟାର୍ଗେଟକୁ ଚିହ୍ନଟ କରିବାକୁ ଫସଫରସ୍ ସାହାଯ୍ୟ କରିଥାଏ। ଏଥିରୁ ବାହାରୁଥିବା ଧୂଆଁ ନିଶ୍ୱାସପ୍ରଶ୍ୱାସରେ ଅସୁବିଧା ସୃଷ୍ଟି କରେ। ଏଥିଯୋଗୁ ଲୋକଙ୍କ ମୃତ୍ୟୁ ମଧ ଘଟିଥାଏ। ନିଜେ ଜଳୁଥିବାରୁ ଫରଫରସ୍ ଏହା ପରିସୀମା ଭିତରେ ଆସୁଥିବା ବିଭିନ୍ନ ଜିନିଷ, ଇନ୍ଧନ, କପଡ଼ା ଆଦି ସହ ମଣିଷକୁ ମଧ ଜାଳି ଦେଇଥାଏ। ଯଦି ସାଧାରଣ ନାଗରିକ ପ୍ରଭାବିତ ହେଉଥିବେ ତେବେ କୌଣସି ଦେଶର ସେନା ଏହାକୁ ବ୍ୟବହାର କରିପାରିବେ ନାହିଁ ବୋଲି ୧୯୭୭ ଜେନେଭା କନ୍‌ଭେନ୍‌ସନ୍‌ରେ ସହମତି ପ୍ରକାଶ ପାଇଥିଲା।

# ଆନନ୍ଦ ସୁବ୍ରମଣ୍ୟମଙ୍କ ଜାମିନ ଖାରଜ

ନୂଆଦିଲ୍ଲୀ,୨୪।୩

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଆନନ୍ଦ ସୁବ୍ରମଣ୍ୟମ୍ ଓରଫ 'ହିମାଳୟ ଯୋଗୀ'ଙ୍କ ଜାମିନ ଆବେଦନକୁ ଗୁରୁବାର ସ୍ୱତନ୍ତ୍ର ସିବିଆଇ କୋର୍ଟ ଖାରଜ କରିଦେଇଛନ୍ତି। ଏନ୍‌ଏସ୍‌ଇରେ ଗ୍ରୁପ୍ ଅପରେଟିଂ ଅଫିସର ଭାବେ ସୁବ୍ରମଣ୍ୟମ କାର୍ଯ୍ୟ କରୁଥିଲେ। ଏନ୍‌ଏସ୍‌ଇ ସ୍କାମ୍ ୨୦୧୦ରୁ ୨୦୧୪ ମଧ୍ୟରେ ହୋଇଥିବାବେଳେ ସୁବ୍ରମଣ୍ୟମ ୨୦୧୪ରେ ଏନ୍‌ଏସ୍‌ଇରେ ଯୋଗ


ଆନନ୍ଦ ସୁବ୍ରମଣ୍ୟମ୍

ଦେଇଥିଲେ। ତେଣୁ ଏଥିରେ ସୁବ୍ରମଣ୍ୟମଙ୍କ ସମ୍ପୃକ୍ତି ନ ଥିବା ତାଙ୍କ ଓକିଲ ଅର୍ସଦୀପ କୋର୍ଟରେ ଯୁକ୍ତି ବାଢ଼ିଥିଲେ। ମାମଲାରେ ସୁବ୍ରମଣ୍ୟମଙ୍କ ସମ୍ପୃକ୍ତି ଥିବା ସେବି ପକ୍ଷରୁ ଅଭିଯୋଗ କରାଯାଇଥିଲା। ଘଟଣାର ତଦନ୍ତ ଜାରି ଥିବାରୁ ସୁବ୍ରମଣ୍ୟମଙ୍କୁ ଜାମିନ ମିଳିଲେ ସେ ପ୍ରମାଣ ନଷ୍ଟ କରିପାରନ୍ତି ବୋଲି ସ୍ୱତନ୍ତ୍ର ଜଜ୍ ସଞ୍ଜୀବ ଅଗ୍ରୱାଲ ଶୁଣାଣିବେଳେ କହିଥିଲେ। ଫେବୃୟାରୀ ୨୪ରେ ତାଙ୍କୁ ସିବିଆଇ ଗିରଫ କରିଥିଲା। ମାର୍ଚ୍ଚ ୯ରେ ସୁବ୍ରମଣ୍ୟମଙ୍କୁ କୋର୍ଟରେ ହାଜର ପରେ ୧୪ ଦିନିଆ ରିମାଣ୍ଡରେ ପଠାଯାଇଥିଲା।



ହିଜାବ କଟକଣାକୁ ବଳବତ୍ତର ରଖି କର୍ଣ୍ଣାଟକ ହାଇକୋର୍ଟ ଦେଇଥିବା ରାୟର ପ୍ରତିବାଦରେ ନୂଆଦିଲ୍ଲୀରେ ମୁସ୍‌ଲିମ୍ ଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। **(ଫଟୋ– ଚମନ ଗୌତମ)**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୫ ମାର୍ଚ୍ଚ, ୨୦୨୨



## ସଂକ୍ଷେପରେ

### ବୁଦ୍ଧଙ୍କ ବାଣୀ ବିଶ୍ୱ ପାଇଁ ସର୍ବଦା ମଙ୍ଗଳମୟ

**ଭୁବନେଶ୍ୱର,୨୪।୩(ବ୍ୟୁରୋ):** ଧର୍ମଗୁରୁ, ସଂସ୍କାରକ ତଥା ପ୍ରକୃତି ମିତ୍ର ଶ୍ରୀମଦ୍ ବାବା ବଳିଆଙ୍କୁ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ପ୍ରଦାନ କରାଯାଇଛି। ଏ ନେଇ ମହାବୋଧ ସୋସାଇଟି, ଓଡ଼ିଶା ଶାଖା ପକ୍ଷରୁ ବୁଦ୍ଧ ମନ୍ଦିରରେ ଗୁରବାର ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ଡ. ବିମଳେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଏହି ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ବାବା ବଳିଆ ଯୋଗଦେଇ କହିଛନ୍ତି, ଭଗବାନ ବୁଦ୍ଧଙ୍କ ପବିତ୍ର ବୃକ୍ଷ ବୋଧିଦ୍ରୁମଠାରେ ପହଞ୍ଚି ମୁଁ ନିଜକୁ ଧନ୍ୟ ମନେ କରୁଛି। ଭଗବାନ ତଥାଗତ ବୁଦ୍ଧଙ୍କ ପ୍ରଦତ୍ତ ବାଣୀ ବିଶ୍ୱ ପାଇଁ ସବୁବେଳେ ମଙ୍ଗଳମୟ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତ ସାଧୁସନ୍ଥମାନେ ପରାମାତ୍ମାଙ୍କୁ ପ୍ରାର୍ଥନା କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ, ବାବା ସମାଜ ସୁଧାର ପାଇଁ ଧର୍ମ ସହ ବିଜ୍ଞାନକୁ ସଂଯୋଗ କରି ସମାଜକୁ ଏକ ନୂତନ ବାର୍ତ୍ତା ଦେଉଛନ୍ତି। ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି, ଗଣତନ୍ତ୍ର ଜ୍ଞାନଯଜ୍ଞ ଭଳି ଏକ ଅଭିନବ ପରିକଳ୍ପନା। ବାବ ସର୍ବଧର୍ମ ସମନ୍ୱୟର ପ୍ରତୀକ ବୋଲି କିସ୍‌ର ପୂର୍ବତନ କୁଳପତି ଡ. ହରେକୃଷ୍ଣ ଶତପଥୀ କହିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ମହାବୋଧର କେନ୍ଦ୍ରୀୟ ଉପସଭାପତି ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଦେବା ପରେ ବାବାଙ୍କୁ ଉତ୍ତରୀୟ ଓ ଭଗବାନ ବୁଦ୍ଧଙ୍କ ଫଟୋଚିତ୍ର ସହ ଅନୁଷ୍ଠାନର ସମ୍ପାଦକ ଡ. ସୌରେନ୍ଦ୍ର କୁମାର ମହାପାତ୍ର ସହଯୋଗ କରିଥିଲେ।

### ୨ ବିଲୁଆ ଶାବକ ଜନ୍ମ, କୁଟୁରା ମୃତ

**ବାରଙ୍ଗ,୨୪।୩(ଡି.ଏନ୍.ଏ.):** ପ୍ରାଣୀ ଉଦ୍ୟାନ ନନ୍ଦନକାନନ ୨୩ ନଂ ଏନ୍‌କ୍ଲୋଜରରେ ଥିବା ଏକ ମାଈ ବିଲୁଆ ଗୁରୁବାର ୨ଟି ଶାବକ ଜନ୍ମ ଦେଇଛି। ଏ ପ୍ରଜାତିର ବିଲୁଆ ସାଧାରଣତଃ ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଏସିଆରେ ଦେଖିବାକୁ ମିଳନ୍ତି। ଅନ୍ୟପଟେ ୩୬(ଘ)ନଂ ଏନ୍‌କ୍ଲୋଜରରେ ରହୁଥିବା ଏକ ୬ବର୍ଷ କୁଟୁରାର ମୃତ୍ୟୁ ଘଟିଛି। ଏ ପ୍ରଜାତିର କୁଟୁରା ସାଧାରଣତଃ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ ବସବାସ କରନ୍ତି। ଦୀର୍ଘଦିନ ହେବ କେତେକ କୁଟୁରା ଏକାଠି ରହୁଥିବାରୁ ନିଜ ନିଜ ମଧ୍ୟରେ ସଂଘର୍ଷ ଯୋଗୁ ଉକ୍ତ କୁଟୁରାର ମୃତ୍ୟୁ ହୋଇଥିବା ନନ୍ଦନକାନନ ପକ୍ଷରୁ ସୂଚନା ମିଳିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀ ମୃତ

**ନିଶ୍ଚିନ୍ତକୋଇଲି,୨୪।୩(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ଗ୍ରାମରେ ଗୁରୁବାର ଅପରାହ୍ଣରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଚାଷୀ ଅଞ୍ଜନ କୁମାର କୁଅଁର (୫୦)। ସେ ସକାଳେ ଭେଣ୍ଡି କିଆରିରେ ମୋଟର ସାହାଯ୍ୟରେ ପାଣି ମଡ଼ାଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ କୁଅଁରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଆରମ୍ଭରୁ ଇଭିଏମ୍ ଅଚଳ

**ଭୁବନେଶ୍ୱର, ୨୪।୩ (ବ୍ୟୁରୋ)**

ନିର୍ବାଚନ ଆରମ୍ଭରୁ ଭୁବନେଶ୍ୱରର କେତେକ ବୁଥ୍‌ରେ ଆରମ୍ଭରୁ ଇଭିଏମ୍‌ରେ ତ୍ରୁଟିକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ନେଇ କେତେକ ସ୍ଥାନରେ ମଧ୍ୟ ଚାପା ଉତ୍ତେଜନା ଦେଖାଦେଇଥିଲା। ୪୧ ନମ୍ବର ୱାର୍ଡର ବୁଥ୍ ନଂ.୪୩୨ରେ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ପାଇଁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। କେବଳ ଏହି ଗୋଟିଏ ବୁଥ୍ ନୁହେଁ, ଝାରପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୁଥ୍ ନଂ.୩୩୯, ଲକ୍ଷ୍ମୀସାଗର ୟୁପି ସ୍କୁଲ ବୁଥ୍ ନଂ.୩୦, ୱାର୍ଡ ନଂ. ୫୮ ଅନ୍ତର୍ଗତ ବୁଥ୍ ନଂ.୫୯୩ ଏବଂ ୫୯୯ ଭଳି ୨୦ରୁ ଊର୍ଦ୍ଧ୍ୱ ବୁଥ୍‌ରେ ଇଭିଏମ୍‌ରେ ସମସ୍ୟା ଯୋଗୁ ମତଦାନ ବାଧାପ୍ରାପ୍ତ ହୋଇଥିଲା। କେତେକ ସ୍ଥାନରେ ପ୍ରାୟ ୧ଘଣ୍ଟା ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଚଳିତ ନିର୍ବାଚନ ଯେପରି ଶାନ୍ତି ଶୃଙ୍ଖଳାରେ ହେବ ଓ ତ୍ରୁଟିମୁକ୍ତ


ଝାରପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୁଥ୍ ନଂ.୩୩୯ରେ ଅଚଳ ଇଭିଏମ୍।

ଇଭିଏମ୍ ପରିଚାଳନା ନେଇ ନିୟୋଜିତ ଅଧିକାରୀଙ୍କୁ ୩ ଦିନ ଧରି ତାଲିମ୍ ପ୍ରଦାନ କରାଯାଇଥିଲା। ଏଥିସହ ଅତିରିକ୍ତ ଭାବେ ୧୦ ପ୍ରତିଶତ ଅଧିକ ଇଭିଏମ୍ ଯାଇଥିଲା। ଏହାସତ୍ତ୍ୱେ ଇଭିଏମ୍ ତ୍ରୁଟି ସମସ୍ୟାକୁ ସମ୍ପୂର୍ଣ୍ଣ ଏଡାଇ ଦିଆଯାଇପାରି ନ ଥିଲା।

## କଡ଼ା ସୁରକ୍ଷାରେ ଷ୍ଟ୍ରଙ୍ଗରୁମ୍‌ରେ ଇଭିଏମ୍

ନିର୍ବାଚନ ସରିଥିବାବେଳେ ଏବେ ବିଏମ୍‌ସିର ୬୭ ୱାର୍ଡର କର୍ପୋରେଟର ଏବଂ ମେୟରଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ଇଭିଏମ୍। ତେଣୁ ଇଭିଏମ୍‌ଗୁଡିକର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଭୋଟ୍ ଗ୍ରହଣ ପରେ ଇଭିଏମ୍‌ଗୁଡ଼ିକୁ ସୁରକ୍ଷିତ ଭାବେ ବାକ୍ସରେ ରଖି ପୁଣିଥରେ ବିଜେବି କଲେଜ ଆର୍ଟ୍ସ ବ୍ଲକ୍‌ରେ ଥିବା ଷ୍ଟ୍ରଙ୍ଗ୍‌ରୁମ୍‌କୁ ଅଣାଯାଇଛି। ବିଳମ୍ବିତ ରାତି ସୁଦ୍ଧା ସମସ୍ତ ଇଭିଏମ୍‌ଗୁଡ଼ିକୁ ଷ୍ଟ୍ରଙ୍ଗ୍‌ରୁମ୍‌କୁ ଅଣାଯାଇଥିଲା। ୬୭ଟି ୱାର୍ଡ ପାଇଁ ୭୦୫ ବୁଥ୍‌ରେ ମତଦାନ ହୋଇଥିବାବେଳେ ପ୍ରତ୍ୟେକ ବୁଥ୍‌ରେ ୨ଟି ଲେଖାଏ ଇଭିଏମ୍ ଲଗାଯାଇଥିଲା। ମୋଟ୍ ୧୪୧୦ ଇଭିଏମ୍‌କୁ କଡା ସୁରକ୍ଷା ମଧ୍ୟରେ ଅଧିକାରୀମାନେ ଗାଡ଼ିରେ ଆଣିଥିଲେ। ୨୬ ତାରିଖରେ ଭୋଟ୍ ଗଣତି ହେବା ପର୍ଯ୍ୟନ୍ତ ଏହି ମେଶିନଗୁଡିକ ଷ୍ଟ୍ରଙ୍ଗ୍‌ରୁମ୍‌ରେ ସିସିଟିଭି ନଜରରେ ରହିବ। ବାହାରେ ସଶସ୍ତ୍ର ପୋଲିସ ଜଗି ରହିଥିବାବେଳେ ବରିଷ୍ଠ ପୋଲିସ ଅଧିକାରୀମାନେ ଏହାର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି।

# ନୂଆ ଭୋଟର ଉତ୍ସାହିତ



ସାହଜମାନ୍ ଖୁରସିଦ୍ ଏବଂ ଓମ୍ ସ୍ମରଣ ମହାପାତ୍ର।

**ଭୁବନେଶ୍ୱର, ୨୪।୩ (ବ୍ୟୁରୋ)**

ନିର୍ବାଚନରେ ସବୁ ବର୍ଗର ଭୋଟର ସାମିଲ ହୋଇଛନ୍ତି। ତେବେ ପ୍ରଥମ କରି ଭୋଟ୍ ଦେଇଥିବା ଯୁବ ଭୋଟରଙ୍କ ମଧ୍ୟରେ ଅଧିକ ଉତ୍ସାହ ଦେଖିବାକୁ ମିଳିଥିଲା। ସହରର ଶାସନକର୍ତ୍ତାଙ୍କୁ ବାଛିବାର ସୁଯୋଗ ମିଳିଥିବାରୁ ବେଶ୍ ଖୁସି ଥିଲେ ସେମାନେ। ଏ ସମ୍ପର୍କରେ ଚିନ୍ତାମଣିଶ୍ୱର ସ୍କୁଲକୁ ପ୍ରଥମ କରି ଭୋଟ୍ ଦେବାକୁ ଆସିଥିବା ସାହଜମାନ୍ ଖୁର୍‌ସିଦ୍ କହିଛନ୍ତି, ବହୁତ ଖୁସି ଲାଗୁଛି। ଭୋଟ୍ ଦେବା ପରେ ଲାଗୁଛି ମୁଁ ବଡ ହୋଇଗଲିଣି। ଏବେ ନିଷ୍ପତ୍ତି ନେବାର ବୟସ ଆସିଗଲାଣି। ସେହିପରି ବ୍ରହ୍ମେଶ୍ୱର ହାଇସ୍କୁଲକୁ ଆସିଥିବା ଆଉଜଣେ ଯୁବ ଭୋଟର ଓମ୍ ସ୍ମରଣ ମହାପାତ୍ର କହିଛନ୍ତି ଯେ, ମୋର ବାହାରକୁ ଯିବାର ଥିଲା। କେବଳ ଭୋଟ୍ ପାଇଁ ମୁଁ ପ୍ରୋଗ୍ରାମ୍ ବାତିଲ କଲି। ପ୍ରଥମ କରି ଭୋଟ୍ ଦେଉଛି। କୌଣସି ଦଳ ନୁହେଁ, ବରଂ ଯିଏ ଆମ ୱାର୍ଡ ପାଇଁ ପୂର୍ବରୁ କାମ କରିଛନ୍ତି ତାଙ୍କୁ ଭୋଟ୍ ଦେଇଛି।

# ୯ନଂ. ବୁଥ୍ ଭାଜପା ଏଜେଣ୍ଟଙ୍କୁ ଆକ୍ରମଣ

**ପିପିଲି,୨୪।୩(ଡି.ଏନ୍.ଏ./ସ୍ୱ.ପ୍ର.)**

ପିପିଲି ଏନ୍‌ଏସି ପାଇଁ ମତଦାନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ମୋଟ ୭୧.୪୬ ଶତକଡ଼ା ଭୋଟର ମତ ସାବ୍ୟସ୍ତ କରିଥିବା ନିର୍ବାଚନ ଅଧିକାରୀ ସପନ କୁମାର ନନ୍ଦ କହିଛନ୍ତି। ୧୬ଟି ୱାର୍ଡ ପାଇଁ ମତଦାନ ଚାଲୁଥିବା ବେଳେ କିଛି ଜାଗାରେ ମତଦାନରେ ବିଳମ୍ବ ହୋଇଥିବା ବେଳେ ଅନ୍ୟ କିଛି ଜାଗାରେ ରାଜନୈତିକ ହିଂସା ଦେଖିବାକୁ ମିଳିଛି। ୭ନଂ. ୱାର୍ଡର ୯ନଂ. ବୁଥ୍‌ରେ ଥିବା ଭାଜପା ଏଜେଣ୍ଟ ଅନିଲ କୁମାର ସିଂଙ୍କୁ କୌଣସି କାରଣକୁ ନେଇ କେତେଜଣ ଆକ୍ରମଣ କରିଛନ୍ତି।

ସକାଳ ୮ଟା ସମୟରେ ମତଦାନ ଆରମ୍ଭ ହୋଇଥିବା ବେଳେ କେତେକ ବୁଥ୍‌ରେ ଯାନ୍ତ୍ରିକ ତ୍ରୁଟି ପାଇଁ ମତଦାନ ପ୍ରକ୍ରିୟା ବିଳମ୍ବରେ ଆରମ୍ଭ ହୋଇଥିଲା। ୪ନଂ ଓ୍ୱାର୍ଡର ୪ନଂ ବୁଥରେ ପୋଲିଂ କର୍ମଚାରୀଙ୍କ ନିକଟରେ ଥିବା ଖାତାରେ ଟିପ ଚିହ୍ନ ମରାଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଜଣେ ଭୋଟର ଦସ୍ତଖତ କରିବା ପାଇଁ କହିବାରେ ପୋଲିଂ କର୍ମଚାରୀ ମନା କରି ଟିପ ଚିହ୍ନ


ଆହତ ଏଜେଣ୍ଟ ଅନିଲ କୁମାର ସିଂ ।

ଦେବାକୁ କହିଥିଲେ। ଫଳରେ ଭୋଟର ଜଣକ ଭୋଟ ଦେବା ପାଇଁ ରାଜି ହୋଇ ନ ଥିଲେ। ତେବେ ପରେ ଦସ୍ତଖତ କରିବା ପାଇଁ ପୋଲିଂ କର୍ମଚାରୀ ରାଜି ହେବାରେ ଭୋଟର ଭୋଟ ଦେଇଥିଲେ। ସେହିପରି ମଧ୍ୟାହ୍ନ ୨ଟା ବେଳେ ୭ ନଂ. ୱାର୍ଡର ୯ନମ୍ବର ବୁଥରେ ରାଜନୈତିକ ହିଂସା ଦେଖିବାକୁ ମିଳିଥିଲା। ଅନିଲ କୁମାର ସିଂ ୯ନଂ ବୁଥରେ ଭାଜପାର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ବେଳେ ବିରୋଧୀ ଦଳର କେତେଜଣ କର୍ମୀ ସେଠାରେ ପହଞ୍ଚି କୌଣସି କଥାକୁ ନେଇ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ବଚସା ଅଧିକ ହେବାରୁ ସେମାନେ ଉତ୍ତ୍ୟକ୍ତ ହୋଇ ଅନିଲଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅନିଲଙ୍କୁ ପ୍ରଥମେ ପିପିଲି ମେଡିକାଲ ଆଣିଥିବା ବେଳେ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଏହି ଗଣ୍ଡଗୋଳ ଘଟିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲା। ଏ ନେଇ ପିପିଲି ଥାନା ଆଇଆଇସି ଅଭିମନ୍ୟୁ ନାୟକ କହିଛନ୍ତି, ଗଣ୍ଡଗୋଳରେ ଗୁରୁତରଙ୍କୁ ଭୁବନେଶ୍ୱର ପଠାଯାଇଛି, ହେଲେ ଏପର୍ଯ୍ୟନ୍ତ ଥାନାରେ ଏ ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ। ଅନ୍ୟପଟେ ଏ ସମ୍ପର୍କରେ ଭାଜପା ଅଧ୍ୟକ୍ଷ ପ୍ରାର୍ଥୀ ସୁକାନ୍ତ ଭଞ୍ଜ କହିଛନ୍ତି, ବୁଥ୍‌ରେ ଏଜେଣ୍ଟ ଅନିଲ କାର୍ଯ୍ୟ କରୁଥିବା ବେଳେ ହଠାତ୍ ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ ଓ ତାଙ୍କ ଏକାଧିକ ସମର୍ଥକ ସେଠାରେ ପହଞ୍ଚି କୌଣସି କଥାକୁ ପ୍ରଥମେ ଯୁକ୍ତିତର୍କ କରିଥିଲେ। ପରେ ଉତ୍ତ୍ୟକ୍ତ ହୋଇ ସମସ୍ତେ ଅନିଲଙ୍କୁ ମାଡ଼ମାରି ଗୁରୁତର କରିଥିଲେ। ସେପଟେ ଏହି ଆକ୍ରମଣରେ ସମ୍ପୃକ୍ତି ନ ଥିବା ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ କହିଛନ୍ତି।

# ଡାକ୍ତରଖାନାରେ ଭଙ୍ଗାରୁଜା

**ବାଲକାଟୀ,୨୪।୩(ଡି.ଏନ୍.ଏ.)**

ବାଲକାଟୀ ଅଞ୍ଚଳରେ ବୁଧବାର ରାତିରେ ମେଳଣ ଜମାଣ ଉତ୍ସବ ଚାଲିଥିବାବେଳେ କେତେଜଣ ଯୁବକ ହାତାହାତି ହୋଇଥିଲେ। ଏଥିରେ କେତେଜଣ ଯୁବକ ଆହତ ହୋଇ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ଯାଇଥିଲେ, ହେଲେ ସେଠାରେ ଯୁବକମାନେ ପୁଣି ଉତ୍ତ୍ୟକ୍ତ ହୋଇ ଭଙ୍ଗାରୁଜା କରିଛନ୍ତି। ଏ ନେଇ ଡାକ୍ତରଖାନା ପକ୍ଷରୁ ବାଲକାଟୀ ଫାଣ୍ଡିରେ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ, ବାଲକାଟୀରେ ବିଳମ୍ବିତ ରାତିରେ ପଞ୍ଚଦୋଳ ମେଳଣ ଉତ୍ସବ ଆୟୋଜିତ ହୋଇଥିଲେ। ଏଥିରେ ଶତାଧିକରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ବେଳେ ଜମାଣ ଶୋଭାଯାତ୍ରାରେ ନାଚିବାକୁ ନେଇ ନୂଆପାଟଣା ଗ୍ରାମର ୨ଜଣ ଯୁବକଙ୍କ ମଧ୍ୟରେ ହାତାହାତି ପରେ ଗଣ୍ଡଗୋଳ ହୋଇ ଉଭୟଙ୍କ ମୁଣ୍ଡ ଫାଟିଥିଲା। ଫଳରେ ସ୍ଥାନୀୟ ଲୋକେ ଦୁଇଜଣଙ୍କୁ ଉଦ୍ଧାର କରି ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେମାନଙ୍କୁ ଡ୍ରେସିଂ କରିବାରେ ବିଳମ୍ବ ହେବାରୁ ଉତ୍ତ୍ୟକ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରର କାଚ କବାଟକୁ ବାଡ଼େଇ ଭାଙ୍ଗିଦେଇଥିଲେ। ଏ ନେଇ ଗୁରୁବାର ମୁଖ୍ୟ ଚିକିତ୍ସାଧିକାରୀ ତନ୍ମୟ ତ୍ରିପାଠୀ ବାଲକାଟୀ ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ଜମାଣ ଉତ୍ସବରେ ବେଆଇନ ନିଶା ବେପାରୀ ଲକ୍ଷାଧିକ ଟଙ୍କାର ଚୋରା ମଦ କାରବାର ଅବାଧରେ ଚଳାଇଥିବା ବେଳେ ସ୍ଥାନୀୟ ପୋଲିସର ଅଙ୍କୁଶ ନ ଲାଗିବା ଗଣ୍ଡଗୋଳର ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି।

# ୨୬ରେ ଅନ୍ତର୍ଜାତୀୟ ଓଡ଼ିଶା ପର୍ବ-୨୦୨୨

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ଓଡ଼ିଶାର ଅନନ୍ୟ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପରିବ୍ୟାପ୍ତ କରିବାକୁ ଦ୍ୱିତୀୟଥର ପାଇଁ ଅନ୍ତର୍ଜାତୀୟ ଓଡ଼ିଶା ପର୍ବ-୨୦୨୨ ଆୟୋଜିତ ହେବାକୁ ଯାଉଛି । କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଆସନ୍ତା ୨୬ ଓ ୨୭ ତାରିଖରେ ଭର୍ଚୁଆଲରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଓଡ଼ିଆ ସମାଜ, ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ଏହି ଦୁଇଦିନିଆ ସାଂସ୍କୃତିକ ମହାକୁମ୍ଭ ଓଡ଼ିଶାର ଅନନ୍ୟ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପ୍ରଦର୍ଶିତ କରିବ। ୨୬ ସନ୍ଧ୍ୟା ୬ଟା ୩୦ରେ ନୂଆଦିଲ୍ଲୀସ୍ଥିତ କମାନୀ ଅଡିଟୋରିୟମରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଶୁଭାରମ୍ଭ କରିବେ। ପ୍ରଥିତଯଶା ଔପନ୍ୟାସିକା ପଦ୍ମବିଭୂଷଣ ପ୍ରତିଭା ରାୟ ସମ୍ମାନିତ ଅତିଥି ରୂପେ ମଣ୍ଡନ କରିବେ। ଭାରତ ସମେତ ଆମେରିକା, କାନାଡା, ଅଷ୍ଟ୍ରେଲିଆ, ତାଞ୍ଜାନିଆ, ରୁଷିଆ, ୟୁଏଇ ଭଳି ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରର ଲୋକଙ୍କ ନିକଟରେ ଏହା ପହଞ୍ଚିବ। ଚଳିତବର୍ଷ ଓଡ଼ିଶାର ପଦ୍ମଶ୍ରୀ ପୁରସ୍କାର ବିଜେତା ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ଶ୍ୟାମାମଣି ଦେବୀ, ଜୀବବିଜ୍ଞାନୀ ଆଦିତ୍ୟ ପ୍ରସାଦ ଦାସ, ପାରା ଅଲିମ୍ପିକ୍‌ରେ ସ୍ୱର୍ଣ୍ଣପଦକ ବିଜେତା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ, ଶ୍ରୀମଦ୍ ବାବା ବଳିଆ ଓ ନରସିଂହ ପ୍ରସାଦ ଗୁରୁ ନିଜର ଅନୁଭୂତି ଏହି ଭର୍ଚୁଆଲ ପ୍ଲାଟଫର୍ମରେ ଉପସ୍ଥାପନ କରିବେ । ଉଦ୍ୟୋଗୀ ସୁକାର୍ତ୍ତି ପଟ୍ଟନାୟକ, ନୃତ୍ୟଶିଳ୍ପୀ ଅରୁନ୍ଧତୀ ଗଡ଼ନାୟକ ଏବଂ ବାଇକ୍ ମୋଡିଫାଏର ଗଙ୍ଗା ପଟ୍ଟନାୟକ ପ୍ରମୁଖ ଯୁବ ପ୍ରତିଭାଙ୍କର ସଫଳତାର କାହାଣୀ ଯୁବପିଢିଙ୍କୁ ପ୍ରେରଣା ଦେବ। www.odishaparba.live ମାଧ୍ୟମରେ ଯୋଗଦେଇ ଏହାକୁ ଦେଖିପାରିବେ।

# ୨୬ରେ ଭୁବନେଶ୍ୱର ସାହିତ୍ୟ ପର୍ବ

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆସନ୍ତା ୨୬ ଓ ୨୭ ତାରିଖରେ ଭୁବନେଶ୍ୱର ସାହିତ୍ୟ ପର୍ବ ଅନୁଷ୍ଠିତ ହେବାକୁ ଯାଉଛି। ଶବ୍ଦ, ରଙ୍ଗ, ଚିତ୍ର, ଭାବ ଓ ଲୟର ସମାବେଶକୁ ନେଇ ଆୟୋଜିତ ଏହି ପର୍ବ ୨୬ ତାରିଖ ପୂର୍ବାହ୍ଣ ୧୦ଟାରେ ସୂଚନା ଭବନରେ ଉଦ୍‌ଘାଟିତ ହେବ। ଏହି କାର୍ଯ୍ୟକ୍ରମରେ କବି ତୁହିନାଂଶୁ ରଥଙ୍କୁ 'କୈଳାସ ଲେଙ୍କା ସୃଜନ ସମ୍ମାନ' ଓ ଶିଳ୍ପୀ ପଞ୍ଚାନନ ସାମଲଙ୍କୁ 'ଦିନନାଥ ପାଠୀ ଶିଳ୍ପୀ ସମ୍ମାନ' ପ୍ରଦାନ କରାଯିବା ସହିତ ସ୍ମରଣିକା ଓ କେତେକ ପୁସ୍ତକ ଲୋକର୍ପିତ ହେବ। ଏହାପରେ 'ଓଡ଼ିଆ ଭାଷାର ସ୍ଥିତି ଓ ସମୀକ୍ଷା' ଆଲୋଚନା ଚକ୍ର, ନାଟ୍ୟ ନିର୍ଦ୍ଦେଶକଙ୍କ ସହ କଥାବାର୍ତ୍ତା, 'କିନ୍ନରଙ୍କ ସୃଜନ ପୃଥିବୀ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଅପରାହ୍ଣରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ପଦ୍ମଶ୍ରୀ ମନମୋହନ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ଚଳଚ୍ଚିତ୍ର 'ଭିଜାମାଟିର ସ୍ୱର୍ଗ' ପ୍ରଦର୍ଶିତ ହେବ। ଶେଷ ଦିନରେ ଗୀତଗୋବିନ୍ଦ ସଦନରେ ମୁକ୍ତ ଅଧିବେଶନ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେବ। ଏହି ଅବସରରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଆମ ଓଡ଼ିଶା ମୁଖ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକ, ରାଜେନ୍ଦ୍ର କିଶୋର ପଣ୍ଡା, ଡ. ସୌମ୍ୟରଞ୍ଜନ ସାମଲ, ହରପ୍ରସାଦ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷିକେଶ ମଲ୍ଲିକ, ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା, ଅସିତ ମହାନ୍ତି, ଡ. ଶୁଭଶ୍ରୀ ଲେଙ୍କା, ସୁବୋଧ ପଟ୍ଟନାୟକ, ଭାସ୍ୱତୀ ବସୁ, ଜାତୀୟ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶିକା ଲିପିକା ସିଂହ ଦରାଇ, ସୂର୍ଯ୍ୟ ଦେଓ ପ୍ରମୁଖ ଯୋଗ ଦେବେ।

# ଏଜେଣ୍ଟଙ୍କ ଅନୁପସ୍ଥିତିରେ ଷ୍ଟ୍ରଙ୍ଗ୍‌ରୁମ୍ ସିଲ୍ ନେଇ ଉତ୍ତେଜନା

**ଖୋର୍ଦ୍ଧା ଅଫିସ,୨୪।୩**

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ଗୁରୁବାର ୪୪ଟି ବୁଥରେ ଭୋଟ ଗ୍ରହଣ କରାଯାଇଛି। ପରେ ସମସ୍ତ ଇଭିଏମ୍‌କୁ ବିଜେବି ହାଇସ୍କୁଲ ସ୍ଥିତ ଷ୍ଟ୍ରଙ୍ଗ୍‌ରୁମ୍ ରଖାଯାଇ ସିଲ୍ କରାଯାଇଥିଲା। ତେବେ ଏଜେଣ୍ଟଙ୍କ ଅନୁପସ୍ଥିତିରେ ଷ୍ଟ୍ରଙ୍ଗ୍‌ରୁମ୍ ସିଲ୍ କରାଯାଇଥିବା ଏବଂ ସିସିଟିଭି ଫୁଟେଜ ଅଚଳ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ଓ କର୍ମୀମାନେ ବିଜେବି ହାଇସ୍କୁଲ ଆଗରେ ଧାରଣା ଦେଇଥିଲେ। ଖବରପାଇ ଉପଜିଲାପାଳ ଆଇ.ଗୌରବ ଶିବାଜୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପୁଣି ଥରେ ଷ୍ଟ୍ରଙ୍ଗରୁମ ଆଗରେ ଭାଜପା ପୌରାଧ୍ୟକ୍ଷ


ବିଜେବି ହାଇସ୍କୁଲ ଆଗରେ ଭାଜପା ପ୍ରାର୍ଥୀ ଓ କର୍ମୀମାନେ ଧାରଣା ଦେଇଛନ୍ତି।

ପ୍ରାର୍ଥୀ, ଉପଜିଲାପାଳ ଏବଂ ଷ୍ଟ୍ରଙ୍ଗରୁମ ଇନଚାର୍ଜଙ୍କ ଉପସ୍ଥିତିରେ ଦସ୍ତଖତ ଥାଇ ଏକ ନୋଟିସ୍ ଲଗାଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଘଟଣା ସମ୍ପର୍କରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏହି ଧାରଣାସ୍ଥଳରେ ଭାଜପା ପୌରାଧ୍ୟକ୍ଷ ପ୍ରାର୍ଥୀ କୁନିଲତା ସ୍ୱାଇଁ, ଅନ୍ୟ କାଉନସିଲର ପ୍ରାର୍ଥୀ, ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, କାଳୁଚରଣ ଖଣ୍ଡାୟତରାୟ, ଶୋଭନ ଘୋଷଙ୍କ ସମେତ ଏକାଧିକ କର୍ମୀ ଉପସ୍ଥିତ ଥିଲେ।

## ଭୋଟ ଦେଇପାରିଲେନି ଶତାଧିକ ଭୋଟର

**ଖୋର୍ଦ୍ଧା ଅଫିସ,୨୪।୩:** ପୌର ନିର୍ବାଚନ ପାଇଁ ଗୁରୁବାର ଭୋଟଗ୍ରହଣ କରାଯାଇଛି। ତେବେ ଅନେକ ଭୋଟରଙ୍କ ନାଁ ଭୋଟର ଲିଷ୍ଟରେ ନ ଥିବାରୁ ଭୋଟଦାନରୁ ବଞ୍ଚିତ ହୋଇଛନ୍ତି। ଖୋର୍ଦ୍ଧାର ପ୍ରାୟ ବୁଥରେ ଏଭଳି ସମସ୍ୟା ଦେଖାଦେଇଛି। ଭୋଟରମାନେ ଗୋଟିଏ ବୁଥରୁ ଅନ୍ୟ ବୁଥ୍‌କୁ ଦୌଡୁଥିବା ଦେଖିବାକୁ ମିଳିଥିଲା। ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଭୋଟର ମତଦାନରୁ ବଞ୍ଚିତ ହୋଇଥିବା ଜଣାପଡିଛି। ୨୦୧୯ ସାଧାରଣ ନିର୍ବାଚନରେ ଭୋଟ ଦେଇଥିବା ଏକାଧିକ ଭୋଟରଙ୍କ ନାଁ କଟି ଯାଇଥିବା ନେଇ ଅନେକ ଭୋଟର ଅସନ୍ତୋଷ ପ୍ରକାଶ କରିଛନ୍ତି।

# 'ସାମାଜିକ, ରାଜନୈତିକ କାର୍ଯ୍ୟରେ ଯୁବପିଢ଼ି ସାମିଲ ନ ହେଲେ ବିକାଶ ଅସମ୍ଭବ'

**ଭୁବନେଶ୍ୱର,୨୪।୩(ବ୍ୟୁରୋ)**

ଜନସଂଖ୍ୟାର ସିଂହ ଭାଗ ହେଉଛନ୍ତି ଯୁବଶକ୍ତି। ଦେଶର ଉତ୍ପାଦକତା ବୃଦ୍ଧି ଦିଗରେ ଏମାନଙ୍କର ରହିଛି ଏକ ବଡ଼ ଯୋଗଦାନ। କିନ୍ତୁ ଆଜିର ଯୁବପିଢି ମୋବାଇଲ ଓ ଇଣ୍ଟରନେଟ ଦୁନିଆରେ ରହିବାକୁ ବେଶି ପସନ୍ଦ କରୁଛନ୍ତି। ସାମାଜିକ, ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ୍‌ରେ ଯୁବପିଢି ଅଂଶଗ୍ରହଣ ନ କଲେ ବିକାଶ ଅସମ୍ଭବ। ସିୱାଇଏସ୍‌ଡିର ୪୦ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ବିଶିଷ୍ଟ ସାମାଜିକ ବିଜ୍ଞାନୀ ତଥା ସ୍ତମ୍ଭକାର ଡ. ଭଗବାନ ପ୍ରକାଶ ଏହି ମତ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର. ବାଲାକ୍ରିଷ୍ଣନ୍ ଯୋଗଦେଇ କହିଥିଲେ, ମିଳିମିଶି କାମ କଲେ କିଭଳି ସଫଳତା ମିଳେ, ରାଜ୍ୟ ମିଲେଟ ମିଶନ ଓ କୋଭିଡ ପରିଚାଳନାର ଉଦାହରଣ ଦେଇ ବୁଝାଇଥିଲେ । ସଂସ୍ଥାର ମାର୍ଗଦର୍ଶକ ଜଗଦାନନ୍ଦ କହିଥିଲେ, ସଶକ୍ତ ନାଗରିକ ସମାଜ ତଥା ମହିଳା ନେତୃତ୍ୱର ବିକାଶ ଦିଗରେ ଏହି ସଂଗଠନ ୪୦ ବର୍ଷର ପ୍ରତିବଦ୍ଧତା ନିର୍ବାହ କରିଛି। କାର୍ଯ୍ୟକ୍ରମରେ କୋରାପୁଟ ଜିଲାର ଜାଗରଣ ଉତ୍ପାଦକ ଦଳର ସଭାପତି ରାଣୀ କରୋଡା, ମୟୂରଭଞ୍ଜ ଶିଶୁ ଅଧିକାର ମଞ୍ଚର ଭଗବାନ ମହନ୍ତ, କେନ୍ଦୁଝରର ସାହାରପଡ଼ା ଉତ୍ପାଦକ ଦଳର କ୍ଷୀରୋଦିନୀ ମହନ୍ତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଦୀର୍ଘ ଚାରି ଦଶନ୍ଧିର ଯାତ୍ରାକୁ ନେଇ ଏକ ବୃତ୍ତଚିତ୍ର ପ୍ରଦର୍ଶନ ସହ ଡାକ ଟିକଟ ଓ ଲଫାପା ଅତିଥିମାନଙ୍କୁ ପ୍ରଦାନ କରାଯାଇଥିଲା। ସିୱାଇଏସଡିର ଅଧ୍ୟକ୍ଷ ରାଜେଶ ଟଣ୍ଡନ, ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ଡା. ସୋମେନ ରାୟ ସିୱାଇଏସଡିର କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ।

# ବାଲକାଟୀ ପଞ୍ଚଦୋଳ ମେଳଣ ଉଦ୍‌ଘାଟିତ

**ବାଲକାଟୀ,୨୪।୩(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଲକାଟୀର ପ୍ରସିଦ୍ଧ ପଞ୍ଚଦୋଳ ମେଳଣ ବୁଧବାର ମଧ୍ୟରାତ୍ରିରୁ ଆରମ୍ଭ ହୋଇଯାଇଛି। କରୋନା କଟକଣା ଯୋଗୁ ଗତ ୨ବର୍ଷ ହେଲା ମେଳଣ ଉତ୍ସବ ଫିକା ପଡ଼ିଥିବା ବେଳେ ଚଳିତବର୍ଷ ଅପେକ୍ଷା କରିଥିବା ସ୍ଥାନୀୟ ବାସିନ୍ଦା ମେଳଣ ଜମାଣ ଉତ୍ସବକୁ ମନୋଭରି ଉପଭୋଗ କରିଥିବା ଦେଖିବାକୁ ମିଳିଛି। ନବନିର୍ବାଚିତ ସରପଞ୍ଚ ରୀନା ବେହେରାଙ୍କ ଉଦ୍ୟମରେ ଚଳିତବର୍ଷର ମେଳଣ ଜମାଣ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ବେଶ୍ ଜାକଜମକରେ କରାଯାଇଛି। ବାଲକାଟୀର ଏହି ପଞ୍ଚଦୋଳ ମେଳଣ ବେଶ୍ ପରିଚିତ। ଏହି ମେଳଣର ଥାନପତି ଭାବେ ବାବା ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବ ସ୍ଥାନ ପାଇଥାନ୍ତି। ଥାନପତିଙ୍କ ନିମନ୍ତ୍ରଣ କ୍ରମେ ଆଖପାଖ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ବିମାନ ମେଳଣକୁ ନିମନ୍ତ୍ରିତ ହୋଇଥାନ୍ତି।


ଗ୍ରାମବାସୀ ଠାକୁରଙ୍କୁ ବିମାନରେ ସାହି ପରିକ୍ରମା କରାଇ ମେଳଣ ପଡ଼ିଆକୁ ନେଉଛନ୍ତି।

- ୫୦ରୁ ଊର୍ଦ୍ଧ୍ୱ ବିମାନ ଏକାଠି ହେବେ
- ପାରମ୍ପରିକ ବାଜା, ଘୋଡ଼ାନାଚରେ ଦୁଲୁକିଲା ମେଳଣ ପଡ଼ିଆ

ପରମ୍ପରା ଅନୁଯାୟୀ, ବୁଧବାର ଜମାଣ ଉତ୍ସବ ହୋଇଥିଲା। ପ୍ରଥମେ ଥାନପତି ବିମାନରେ ଯିବା ପରେ ନୀତି ନିର୍ଦ୍ଧାରଣ ଅନୁଯାୟୀ ଗୋଟିଏ ପରେ ଗୋଟିଏ ବିମାନ ବାଜାବାଣ ରୋଶଣି କରି ମେଳଣ ପଡ଼ିଆକୁ ଯାଇଥାନ୍ତି। ଚଳିତବର୍ଷ ନୂଆପାଟଣା ଗ୍ରାମର ଶ୍ରୀ ଶ୍ରୀ ମଦନମୋହନ ଦେବଙ୍କ ରୋଶଣି, ମହାଲ ସାହି, ପତାସ ପାଟଣା, ରଥିଜେମା ଗ୍ରାମ, ଅଶିଘର, ତିରିଶଘର, ନୂଆ ସାହି, ଚାରିମାଣିଆ, ବସନ୍ତପେଡ଼ି ଗ୍ରାମର ରୋଶଣି ବେଶ ମନ ମୋହିଥିଲା। ଡିଜେ ସାଙ୍ଗକୁ ପାରମ୍ପରିକ ବାଜା, ଘୋଡାନାଚ, ବାଘ ନାଚ ଓ ଦୁଲଦୁଲି ବାଦ୍ୟ ଜମାଣ ଉତ୍ସବକୁ ଜମେଇ ଦେଇଥିଲା। ବିଭିନ୍ନ ସାହି ଦେଇ ବାଜା ରୋଶଣି ଆସି ଶେଷରେ ମେଳଣ ପଡ଼ିଆରେ ପ୍ରବେଶ କରିଥିଲା। ହଜାର ହଜାର ସଂଖ୍ୟାର ଲୋକେ ଏହି ଜମାଣ ଉତ୍ସବ ଦେଖିବାକୁ ଏକତ୍ରିତ ହୋଇଥିଲେ। ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ, ବାଲକାଟୀ ଫାଣ୍ଡି ଅଧିକାରୀ ମନତାଜ ଅଲ୍ଲୀ ଖାଁ ଫୋର୍ସ ସହ ଉପସ୍ଥିତ ରହି ଆଇନଶୃଙ୍ଖଳାକୁ ସୁଚାରୁରୂପେ ସମ୍ପାଦନ କରିଥିଲେ। ଶୁକ୍ରବାର ମେଳଣ ପଡ଼ିଆର ଠାକୁରମାନଙ୍କର ହରିହର ଭେଟ ପରେ ମେଳଣ ପଡ଼ିଆରେ ଆତସବାଜି କାର୍ଯ୍ୟକ୍ରମ ହେବ। ଶାନ୍ତିଶୃଙ୍ଖଳାର ସହିତ ସମାପନରେ ସମସ୍ତ ସାହି ମୁରବି ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିବାକୁ ସରପଞ୍ଚ ବେହେରା ନିବେଦନ କରିଛନ୍ତି।

# ରିପୋର୍ଟ ଖୋଲିବ ବିଧାୟକଙ୍କ ଅସଲ ଚେହେରା

**ଖୋର୍ଦ୍ଧା ଅଫିସ,୨୪।୩:**

## ଗୋଟିଏ ଗାଡ଼ିରେ ୨ ନମ୍ବର ଘଟଣା

■ଆରଟିଓ ରିପୋର୍ଟ ପୋଲିସର ହସ୍ତଗତ ହୋଇନି
■ପ୍ରମାଣିତ ହେଲେ ୭ରୁ ୧୦ବର୍ଷ ହୋଇପାରେ ଜେଲ





ବାଣପୁର ବ୍ଲକ ସମ୍ମୁଖରେ ଲୋକ ଏବଂ ପୋଲିସ କର୍ମଚାରୀଙ୍କ ଉପରକୁ ଗାଡ଼ି ମଡ଼ାଇଦେବା ଘଟଣାରେ ଗିରଫ ହୋଇ ଜେଲରେ ଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ବିଧାୟକ ଯେଉଁ କାର୍ ଡ୍ରାଇଭ୍ କରି ଲୋକଙ୍କୁ ମଡ଼ାଇଦେଇଥିଲେ ସେଥିରେ ୨ଟି ଭିନ୍ନ ନମ୍ବର ପ୍ଲେଟ ଲାଗିଥିବା ନେଇ ବିବାଦ ବଢିବା ପରେ ବାଣପୁର ପୋଲିସ ଆର୍‌ଟିଓଙ୍କୁ ରିପୋର୍ଟ ମାଗିଥିଲା। ଗତ ୨୧ତାରିଖରେ ଭୁବନେଶ୍ୱର ଆରଟିଓ-୧ ପକ୍ଷରୁ ଏମ୍‌ଭିଆଇ ବାଣପୁର ଥାନା ଆସି ତନ୍ନତନ୍ନ ଯାଞ୍ଚ କରିଛନ୍ତି। ଏମ୍‌ଭିଆଇ ଉକ୍ତ ରିପୋର୍ଟ ପୋଲିସକୁ ଦେବା ପରେ ଜଗଦେବଙ୍କ ଅସଲ ମୁଖା ଖୋଲିଯିବ। କାହା ନାଁରେ ଏହି କାର୍ ରହିଛି, କାହିଁକି ବିଧାୟକ ଗୋଟିଏ କାର୍‌ରେ ଦୁଇଟି ନମ୍ବର ବ୍ୟବହାର କରୁଥିଲେ, ଏହାର ପ୍ରକୃତ ରହସ୍ୟ କ'ଣ ତାହାକୁ ନେଇ ସବୁଠି ଉତ୍କଣ୍ଠା ଲାଗି ରହିଛି।

ଜଗଦେବ ବ୍ୟବହାର କରୁଥିବା ଦାମୀ ଲ୍ୟାଣ୍ଡ ରୋଭର ଡିସ୍‌କଭରି ଗାଡ଼ି(ନଂ ଓଡି୨୫-କେ-୫୭୭୫) ନୟାଗଡ଼ ଅଞ୍ଚଳର ଠିକାଦାର କୁମାର ଦେବଦତ୍ତଙ୍କ ନାମରେ ରହିଛି। ହେଲେ ବାଣପୁର ଏସ୍‌ଆଇ ଦେବାସ୍ମିତା ବେହେରା ଦେଇଥିବା ଏତଲାରେ ବିଧାୟକ ଘଟଣା ସମୟରେ ଓଡି୦୨-ଏୱାଇ-୫୭୭୫ ନମ୍ବର ବିଶିଷ୍ଟ କାର୍ ଚଳାଉଥିଲେ ବୋଲି ଦର୍ଶାଇଛନ୍ତି, ଯାହାକି ଏକ ହ୍ୟୁଣ୍ଡାଇ କ୍ରେଟା କାରର ନମ୍ବର। ଉକ୍ତ କ୍ରେଟା କାରଟି ନୟାଗଡ ଜିଲା ସୁନାଖଳାର ଶିବାନୀ ଫୁଡ୍ସ ପ୍ରଡକ୍ଟ କମ୍ପାନୀ ମାଲିକଙ୍କ ନାମରେ ରହିଥିବା ଜଣାପଡ଼ିଛି। ଗତ ୧୨ତାରିଖରେ ବିଧାୟକ ପ୍ରଶାନ୍ତ ଲ୍ୟାଣ୍ଡ ରୋଭର ଡିସ୍‌କଭରି କାରରେ ଦୁଇ ନମ୍ବର ପ୍ଲେଟ ଲଗାଇ ଆସିଥିଲେ। ଉପରଟି ଅସଲି ନମ୍ବର ରହିଥିବାବେଳେ ତଳେ ଥିଲା ନକଲି। ଲୋକ ଓ ପୋଲିସଙ୍କ ଉପରକୁ ଗାଡ଼ି ମଡ଼ାଇବା ପରେ ଜଗଦେବ ରୋଷର ଶିକାର ହୋଇଥିଲେ। ଉତ୍ତ୍ୟକ୍ତ ଲୋକେ ଯେତେବେଳେ ତାଙ୍କ କାରକୁ ଭଙ୍ଗାରୁଜା କରୁଥିଲେ, ସେହି ସମୟରେ ହୁଏତ ଅସଲି ନମ୍ବର ପ୍ଲେଟ ଖସିଯାଇଥିବା ଚର୍ଚ୍ଚା ହେଉଛି। ତେବେ କାହିଁକି ବିଧାୟକ ଦୁଇଟି ନମ୍ବର ପ୍ଲେଟ ବ୍ୟବହାର କରୁଥିଲେ। ଏପରି କି ସେହିଦିନ ପୋଲିସର ବାରଣ ସତ୍ତ୍ୱେ ନ ଅଟକି ଭିଡ଼ ଭିତରେ ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇଥିଲେ। ଏହା ପଛରେ ଜଗଦେବଙ୍କ କୌଣସି ମନ୍ଦ ଉଦ୍ଦେଶ୍ୟ ରହିଥିଲା କି ବୋଲି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ଜଗଦେବ ଗୋଟିଏ କାରରେ ଦୁଇଟି ନମ୍ବର ପ୍ଲେଟ ଲଗାଇ ଏଭଳି ବୀଭତ୍ସ କାଣ୍ଡ ଘଟାଇବାକୁ ଯୋଜନା କରିଥିବା ଯଦି ପ୍ରମାଣିତ ହୋଇଯାଏ, ତେବେ ତାଙ୍କୁ ୭ରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ ବୋଲି ଜଣେ ବରିଷ୍ଠ ଆଇନଜୀବୀ କହିଛନ୍ତି।

ବାଲୁଗାଁ ଏସ୍‌ଡିପିଓ ତଥା ତଦନ୍ତ ଅଧିକାରୀ ମାନସ ରଞ୍ଜନ ବାରିକ କୁହନ୍ତି, ଏନେଇ ଭୁବନେଶ୍ୱର ଆରଟିଓ-୧କୁ ଗତ ୧୩ତାରିଖରେ ରିପୋର୍ଟ ମଗାଯାଇଥିଲା। ତେବେ ରିପୋର୍ଟ ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ। ରିପୋର୍ଟ ଆସିବା ପରେ କାର ନମ୍ବର ଅସଲି କି ନକଲି ତାହା ଜଣାପଡ଼ିବ। ତେବେ ଘଟଣାକୁ ୧୨ଦିନ ବିତିଯାଇଥିଲେ ମଧ୍ୟ ଏଯାବତ୍ କାହିଁକି ଆର୍‌ଟିଓଙ୍କ ପକ୍ଷରୁ ରିପୋର୍ଟ ଦିଆଯାଇନାହିଁ, ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି। ଅପରପକ୍ଷରେ ପୋଲିସର ଅନୁରୋଧକ୍ରମେ ଏମ୍‌ଭିଆଇ ଗତ ୨୧ତାରିଖରେ ବାଣପୁର ଯାଇ ଗାଡ଼ି ନମ୍ବର ଯାଞ୍ଚ କରିଛନ୍ତି। ଛୁଟି ଥିବାରୁ ଗୁରୁବାର ରିପୋର୍ଟ ଦାଖଲ ହୋଇପାରି ନାହିଁ। ଖୁବ୍‌ଶୀଘ୍ର ପୋଲିସକୁ ଏମ୍‌ଭିଆଇଙ୍କ ରିପୋର୍ଟ ପ୍ରଦାନ କରାଯିବ ବୋଲି ଭୁବନେଶ୍ୱର ଆର୍‌ଟିଓ-୧ ପ୍ରଦୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସେଣ୍ଟ୍ରାଲ ହର୍ଟିକଲ୍‌ଚରାଲ୍ ଏକ୍ସପେରିମେଣ୍ଟ ଷ୍ଟେସନ୍ (ସିଏଚ୍‌ଇଏସ୍) ପକ୍ଷରୁ ଜାତୀୟ ସେମିନାର, ସିଏଚ୍‌ଇଏସ୍, ଆଇଗିଣିଆ, ପୂର୍ବାହ୍ନ ୧୦ଟା।
- ବିଧାନସଭାର ୯ମ ଅଧିବେଶନ ନିମନ୍ତେ ବିଜେଡିର ବୈଠକ, ଓଡ଼ିଶା ବିଧାନସଭା ସୌଧର ୫୪ ନଂ. ପ୍ରକୋଷ୍ଠ, ପୂର୍ବାହ୍ନ ୧୦ଟା ୩୦।
- ମୋକ୍ଷ ସଂଗଠନ ପକ୍ଷରୁ ୯ମ ଅଭିଳାଷା, ଏକାମ୍ର ହାଟ, ସନ୍ଧ୍ୟା ୬ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ଭଦ୍ରକରେ କ୍ରାଇମ୍‌ବ୍ରାଞ୍ଚ ଟିମ୍‌ର ତଦନ୍ତ

## କ୍ୟାମେରାମ୍ୟାନ ମାନସ ହତ୍ୟା ଘଟଣା

■ଶର୍ମିଷ୍ଠାଙ୍କୁ ଖୋଜିବାକୁ ରାଜ୍ୟ ବାହାରେ ଗୋଟିଏ ଟିମ୍

**ଭଦ୍ରକ ଅଫିସ/ଚାନ୍ଦବାଲି(ଡି.ଏନ୍.ଏ)**
**ଭୁବନେଶ୍ୱର,୨୪।୩(ବ୍ୟୁରୋ):**


ଚାନ୍ଦବାଲିରେ କ୍ରାଇମବ୍ରାଞ୍ଚ ଟିମ୍।

ନୟାଗଡ଼ ଜିଲା ରଣପୁର ଥାନା ମଝିଆଖଣ୍ଡ ଗୋଡ଼ିପୋଖରୀ ଗ୍ରାମର କ୍ୟାମେରାମ୍ୟାନ ମାନସ ସ୍ୱାଇଁ ଅପହରଣ ଓ ହତ୍ୟା ଘଟଣାରେ ଏବେ ବି ରହସ୍ୟ ଲାଗି ରହିଛି। ବୁଧବାର ଏହି ମାମଲାର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚ ନେବା ପରେ ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠାଙ୍କୁ ଧରିବାକୁ ଚଢ଼ାଉକୁ ତ୍ୱରାନ୍ୱିତ କରାଯାଇଛି। ରାଜ୍ୟ ଭିତରେ ରହି ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ୫ ଜଣିଆ ଟିମ୍ ଗୁରୁବାର ମଧ୍ୟାହ୍ନରେ ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି କଳ୍ପନା ସାହୁଙ୍କ ନେତୃତ୍ୱରେ ଇନ୍ସପେକ୍ଟର ବିଶ୍ୱପ୍ରକାଶ ରାଉତ, ସବ୍ ଇନ୍ସପେକ୍ଟର ଅବଧୂତ ବାରିକ, ଏସ୍‌ଆଇ ତନୁଶ୍ରୀ ନାୟକ ଓ ଆଶୁତୋଷ ପ୍ରଧାନ ଏହି ଟିମ୍‌ରେ ସାମିଲ ଅଛନ୍ତି। ଟିମ୍ ହତ୍ୟା ମାମଲା ଏବଂ ଭଦ୍ରକ ପୋଲିସ କରିଥିବା ତଦନ୍ତର ଅଗ୍ରଗତି ନେଇ ଏସ୍‌ପି ଚରଣ ସିଂ ମୀନାଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଅପରାହ୍ନରେ ସେମାନେ ଚାନ୍ଦବାଲି ଥାନାକୁ ଯାଇ ମାନସ ହତ୍ୟା ମାମଲାରେ ସମସ୍ତ କାଗଜପତ୍ରକୁ ତନ୍ନତନ୍ନ କରି ଯାଞ୍ଚ କରିଛନ୍ତି। ତେବେ ଚାନ୍ଦବାଲି ଥାନା ଅଧିକାରୀ ଓ ଏସ୍‌ଡିପିଓ ନିର୍ବାଚନ ଡ୍ୟୁଟିରେ ବ୍ୟସ୍ତ ଥିବାରୁ ଏହି ଟିମ୍ ଚାନ୍ଦବାଲିରେ ରାତ୍ରିଯାପନ କରିଛି। ଶୁକ୍ରବାର ଥାନାଧିକାରୀଙ୍କ ସହ ଆଲୋଚନା ପରେ ଟିମ୍ ମାନସଙ୍କୁ ଅପହରଣ କରାଯାଇଥିବା ପଳାଶପୁର ଗାଁକୁ ଯାଇ ସ୍ଥାନୀୟ ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ଶର୍ମିଷ୍ଠା ଏବଂ ତାଙ୍କ ସହଯୋଗୀଙ୍କୁ ଧରିବାକୁ କ୍ରାଇମବ୍ରାଞ୍ଚର ଏନ୍ୟ ଏକ ୪ଜଣିଆ ଟିମ୍ ରାଜ୍ୟ ବାହାରକୁ ଯାଇଛି। ଆନ୍ଧ୍ରପ୍ରଦେଶ, ବାଙ୍ଗାଲୋର ଓ କୋଲକତାରେ ଶର୍ମିଷ୍ଠା ଥାଇପାରନ୍ତି ବୋଲି କ୍ରାଇମବ୍ରାଞ୍ଚ ସନ୍ଦେହ କରୁଛି। ଶର୍ମିଷ୍ଠାଙ୍କୁ କାବୁ କରିବାକୁ କ୍ରାଇମ୍‌ବ୍ରାଞ୍ଚ ଏସବୁ ରାଜ୍ୟ ପୋଲିସର ସହାୟତା ନେଇଛି। ଏଥିସହ ଟେକ୍ନିକାଲ ଟିମ୍ ସହାୟତାରେ ଶର୍ମିଷ୍ଠାଙ୍କ କଲ୍ ଡିଟେଲ୍ସ ରିପୋର୍ଟ(ସିଡିଆର୍), ଲୋକେଶନ ଆନାଲିସିସ୍ ଏବଂ ଏଟିଏମ୍ ଟ୍ରାଞ୍ଜାକ୍ସନ୍ କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଯାଞ୍ଚ କରାଯାଉଛି। ସୂଚନାଯୋଗ୍ୟ, ଗତ ଫେବୃୟାରୀ ୭ ତାରିଖ ରାତିରେ ଚାନ୍ଦବାଲି ଥାନା ଅଧୀନ ନାଲଗୁଣ୍ଡା ପଞ୍ଚାୟତ ପଳାଶପୁର ଛକରୁ ଅଭିଯୁକ୍ତମାନେ ମାନସଙ୍କୁ କାର୍‌ରେ ଅପହରଣ କରି ଭୁବନେଶ୍ୱରରେ ହତ୍ୟା କରିବା ପରେ ନୟାଗଡ଼ ରଣପୁରରେ ପୋତି ଦେଇଥିଲେ।

## ସଂକ୍ଷେପରେ

### ଶ୍ରୀଅରବିନ୍ଦଙ୍କ ବାଣୀ ପ୍ରଚାର କରିବ ଜାଗରଣ ଯାତ୍ରା

**ପୁରୀ ଅଫିସ, ୨୪।୩:**ମହାଯୋଗୀ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ପାଳନର ଅଂଶ ସ୍ୱରୂପ ଜାଗରଣ ଯାତ୍ରା ୨୯ ତାରିଖରେ ଭୁବନେଶ୍ୱରରୁ ବାହାରି ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ ଜିଲା ପରିକ୍ରମା କରିବ। ପୁରୀରେ ଏପ୍ରିଲ ୪ରେ ଏହା ଉଦ୍‌ଯାପିତ ହେବ। ଏ ନେଇ ଗୁରୁବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀରେ ଏହି ଯାତ୍ରାକୁ ସ୍ୱାଗତ କରାଯିବ। ଏଥିରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ବୁଦ୍ଧିଜୀବୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେବେ। ସ୍ୱର୍ଗଦ୍ୱାରସ୍ଥିତ ଅରବିନ୍ଦ ଧାମଠାରେ ଏହି ଯାତ୍ରା ସମାପ୍ତ ହେବ। ଏହି ଯାତ୍ରାକୁ ସଫଳ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ସହାୟତା ଯୋଗାଇ ଦିଆଯିବ। ଏଥିଲାଗି ଏକ କମିଟି ଗଠନ କରାଯାଇଛି। ପ୍ରଶାସନ ପକ୍ଷରୁ ଆଇନଶୃଙ୍ଖଳା ବ୍ୟବସ୍ଥା, ପାନୀୟଜଳ, ଆମ୍ବୁଲାନ୍ସ ପ୍ରଭୃତି ଯୋଗାଇ ଦିଆଯିବ। ଏହି ଯାତ୍ରା ମାଧ୍ୟମରେ ଭାରତୀୟ ଜାତୀୟତାବୋଧ ଓ ଆଧ୍ୟାତ୍ମିକତା ତଥା ସର୍ବଧର୍ମ ଭାବନାର ପ୍ରତୀକ ଶ୍ରୀଅରବିନ୍ଦଙ୍କ ବାଣୀ ପ୍ରଚାର କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, କମିଟି ଆବାହକ ବିପିନାନନ୍ଦ ମିଶ୍ର, ଜନ୍ମେଜୟ ଦ୍ୱିବେଦୀ, ଶିବପ୍ରସାଦ ମିଶ୍ର, ପ୍ରଫେସର ଲକ୍ଷ୍ମଣ ଭୋଳ ଏବଂ ଡ. ଦିଲୀପ କୁମାର ସ୍ୱାଇଁ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ପ୍ରିୟମ୍ୱଦା ମହାନ୍ତି ହେଜମାଦିଙ୍କୁ ରୁଚି ବୁଦ୍ଧ ସମ୍ମାନ

**ଭୁବନେଶ୍ୱର (ବ୍ୟୁରୋ)/ପୁରୁଣା ଭୁବନେଶ୍ୱର୨୪।୩ (ଡି.ଏନ୍.ଏ.)**



ଡ. ପ୍ରିୟମ୍ୱଦା ମହାନ୍ତି ହେଜମାଦୀଙ୍କୁ 'ରୁଚି ବୁଦ୍ଧ ସମ୍ମାନ ୨୦୨୨' ପ୍ରଦାନ କରାଯାଉଛି।

ରାଜ୍ୟ ପର୍ଯ୍ୟଟନ ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଓ ଆର୍ଟ ଭିଜନ ପକ୍ଷରୁ ଶାନ୍ତିସ୍ତୁପ ଧଉଳି ପାଦଦେଶରେ ଚାଲିଥିବା ଧଉଳି କଳିଙ୍ଗ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଦ୍ୱାରା ପ୍ରଦତ୍ତ 'ରୁଚି ବୁଦ୍ଧ ସମ୍ମାନ ୨୦୨୨' ଓଡ଼ିଶୀ ନୃତ୍ୟାଙ୍ଗନା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପ୍ରିୟମ୍ୱଦା ମହାନ୍ତି ହେଜମାଦୀଙ୍କୁ ପ୍ରଦାନ କରାଯାଇଛି।

## ଧଉଳି କଳିଙ୍ଗ ମହୋତ୍ସବ ଉଦ୍‌ଯାପିତ

ଶେଷ ସନ୍ଧ୍ୟାରେ ଭୁବନେଶ୍ୱର କଳର୍ସ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରମୋଦ କୁମାର ସାହୁ ଓ ସାଥୀଙ୍କ ଦ୍ୱାରା ତବଲା ବାଦନ ବେଶ୍ ଚିତ୍ତାକର୍ଷକ ଥିଲା। ପରେ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଶିଳ୍ପୀଙ୍କ ଦ୍ୱାରା କଟକସ୍ଥିତ ବଡ଼ ମେଡ଼ିକାଲ କଲେଜ ଉପରେ ଆଧାରିତ ନୃତ୍ୟାଭିନୟ 'ଆଶାର କିରଣ' ଦର୍ଶକଙ୍କୁ ଆତ୍ମୀୟତାର ଅନୁଭବ ଦେଇଥିଲା। ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି ଏହାର ନୃତ୍ୟ ସଂରଚନା କରିଥିଲେ। ଅନ୍ତିମ ଉପସ୍ଥାପନାରେ ମଣିପୁରର ହୁଏନ୍ ଲାଲଙ୍ଗ ମଣିପୁର ଥାଙ୍ଗ-ତା ସାଂସ୍କୃତିକ ଅନୁଷ୍ଠାନର ଜି.ବିସେଶର ଶର୍ମା ଓ ସାଥୀଙ୍କ ଦ୍ୱାରା ସମରକଳା ନୃତ୍ୟ ଥାଙ୍ଗ୍ ତା (ଆଙ୍ଗ ଲାଇଟେଙ୍ଗ ହାଇବା ଯୁଦ୍ଧ ଉପରେ ଆଧାରିତ) ପରିବେଷିତ ହୋଇଥିଲା। ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ଡ. ଜଷ୍ଟିସ୍ ଏସ୍. ମୁରଲୀଧର, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ଉପଦେଷ୍ଟା ଆର. ବାଲାକ୍ରୀଷ୍ଣନ୍, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଦୁର୍ଗାପ୍ରସାଦ ମହାପାତ୍ର, ପର୍ଯ୍ୟଟନ ବିଭାଗର ଯୁଗ୍ମ ଶାସନ ସଚିବ ପୂଜା ମିଶ୍ର, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ସଭାପତି ସତ୍ୟାନନ୍ଦ ମିଶ୍ର, ସଚିବ ଗୁରୁ ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନର ସଚିବ ଇଲିଆନା ଚିତାରିସ୍ତି ଯୋଗଦେଇଥିଲେ।

### ଅକ୍ଷରପୁରୁଷୋତ୍ତମ ଦର୍ଶନ ଉପରେ ଆଲୋଚନା

**ପୁରୀ ଅଫିସ, ୨୪।୩:**

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସଦାଶିବ ପରିସରରେ ଅକ୍ଷରପୁରୁଷୋତ୍ତମ୍ ଦର୍ଶନ ସଂକ୍ରାନ୍ତ ତିନିଦିନିଆ ରାଷ୍ଟ୍ରୀୟ ସଂଗୋଷ୍ଠୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଅକ୍ଷର ପୁରୁଷୋତ୍ତମ ସଂସ୍ଥାର ସ୍ୱାମୀ ଭଦ୍ରେଶ ଦାସଜୀଙ୍କ ମାର୍ଗଦର୍ଶନରେ ପରିଚାଳିତ ଏହି ସଭାରେ ସଦାଶିବ ପରିସର ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର ଅଧକ୍ଷତା କରିଥିଲେ। ଦିଲ୍ଲୀ ଅକ୍ଷର ଧାମ ସଂସ୍ଥାର ସ୍ୱାମୀ ଆତ୍ମତୃପ୍ତାନନ୍ଦ ଦାସ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଓ ପ୍ରଫେସର ହରେକୃଷ୍ଣ ଶତପଥୀ ହରିହର ହୋତା ଅକ୍ଷରପୁରୁଷୋତ୍ତମ ଦର୍ଶନ ଏବଂ ଅନ୍ୟ ଦର୍ଶନ ମଧ୍ୟରେ ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିଥିଲେ। ସାମାଜିକ କର୍ମୀ ଗୋପାଳ ପ୍ରସାଦ ମହାପାତ୍ର, ଉତ୍କଳ ପରିଷଦର ସଭାପତି ପ୍ରଫେସର ସତ୍ୟନାରାୟଣ ସଚିବ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଗାୟକ ଗଦାଧର ଦାଶଙ୍କୁ ଭାସ୍ୱର ସମ୍ମାନ ପ୍ରଦାନ ସହ ବହୁ ବିଦ୍ୱାନଙ୍କୁ ସମ୍ମାନିତ କରାଯାଇଥିଲା। ସଂଗୋଷ୍ଠୀର ସଂଯୋଜକ ଡ. ନନ୍ଦିଘୋଷ ମହାପାତ୍ର ଧନ୍ୟବାଦ ଓ ଡ. ସୋମନାଥ ଦାଶ ସଭା ସଞ୍ଚାଳନ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**
metroselfie@gmail.com


@ ପପୁ


@ ଟ୍ୱିଙ୍କିଲ୍


@ ଅମୃତା


@ ସମୀର୍


@ ଶ୍ରୀକାନ୍ତ


@ ସୋନୀ

# ୨୭ରେ ସୈନିକ ସ୍କୁଲ-ଓଏମ୍‌ସି ବିଜୁ ମାରାଥନ

**ଭୁବନେଶ୍ୱର, ୨୪।୩(ବ୍ୟୁରୋ)**

ସୈନିକ ସ୍କୁଲ-ଓଏମ୍‌ସି ୫ମ ବିଜୁ ମାରାଥନ ଆସନ୍ତା ୨୭ ତାରିଖ ସକାଳ ୬ଟାରେ ଅନୁଷ୍ଠିତ ହେବ। ଏଥିରେ ସୈନିକ ସ୍କୁଲର ସମସ୍ତ କ୍ୟାଡେଟ୍ ଓ ପୁରାତନ ଛାତ୍ରଙ୍କୁ ମିଶାଇ ମୋଟ୍ ୮୦୦ ଜଣ ପ୍ରତିଯୋଗୀ ଭାଗ ନେବେ। ଏହି ମାରାଥନ ସୈନିକ ସ୍କୁଲ ପୁରାତନ ଛାତ୍ର ସଂସଦ ଏବଂ ଓଡ଼ିଶା ମାଇନିଂ କର୍ପୋରେଶନର ମିଳିତ ସହଯୋଗରେ ଆୟୋଜିତ ହେଉଛି। ଏହା ସୈନିକ ସ୍କୁଲ ଗାନ୍ଧୀ ଗ୍ରାଉଣ୍ଡରୁ ଆରମ୍ଭ ହୋଇ ନାଲ୍‌କୋ, କଳିଙ୍ଗ ହସ୍ପିଟାଲ ଛକ, ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ଆପୋଲୋ ହସ୍ପିଟାଲ ଦେଇ ୭.୩ କିମି ପଥ ଅତିକ୍ରମ କରି ପୁଣି ଗାନ୍ଧୀ ଗ୍ରାଉଣ୍ଡରେ ଶେଷ ହେବ। ଏହି ଗଣଦୌଡ଼କୁ ସୈନିକ ସ୍କୁଲ ଅଧକ୍ଷ ଗ୍ରୁପ୍ କ୍ୟାପ୍‌ଟେନ ଏସ୍. ଡୋମିନିକ ରାୟନ ପତାକା ଦେଖାଇ ଶୁଭାରମ୍ଭ କରିବେ। ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ବଣ୍ଟନ କରିବେ। ଚଳିତ ବର୍ଷ ସୈନିକ ସ୍କୁଲର ୬୦ ବର୍ଷ ପୂର୍ତ୍ତି ହେଉଥିବାରୁ ଏହା ଡାଇମଣ୍ଡ୍ ଜୁବିଲି ରନ୍ ଭାବେ ପରିଗଣିତ ହେବ ବୋଲି ସ୍କୁଲ ପକ୍ଷରୁ ସୂଚନା ଦିଆଯାଇଛି।


ଶତାବ୍ଦୀର କଳାକାର ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ୨୪ତମ କଳିଙ୍ଗ ନାଟ୍ୟ ମହୋତ୍ସବର ଗୁରୁବାର ସନ୍ଧ୍ୟାରେ ପରିବେଷିତ ହିନ୍ଦୀ ନାଟକ 'ଯାଞ୍ଚ ପଡ୍‌ତାଲ୍'ର ଏକ ଦୃଶ୍ୟ।


ଶାନ୍ତିସ୍ତୁପ ପାଦଦେଶରେ ଚାଲିଥିବା ଧଉଳି କଳିଙ୍ଗ ମହୋତ୍ସବର ଗୁରୁବାର ଉଦ୍‌ଯାପନୀ ଅବସରରେ କଳାକାରମାନେ ନୃତ୍ୟାଭିନୟ କରୁଛନ୍ତି।


ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ସମଙ୍ଗରା ମେଳଣ ପଡ଼ିଆରେ ସଂକୀର୍ତ୍ତନ ପରିବେଷଣ।

**ଜିଲାପାଳଙ୍କ ଦ୍ୱାରସ୍ଥ ସାହି ବାସିନ୍ଦା**

ପୁରୀ ଅଫିସ, ୨୪।୩: ପୁରୀ ପୌରାଞ୍ଚଳର ୧ ନମ୍ବର ୱାର୍ଡ ଅଧୀନ ନରେନ୍ଦ୍ରକୋଣ ଗୌଡ଼ସାହି ବାସିନ୍ଦା ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିକରି ଗୁରୁବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ସାହିରେ ଡ୍ରେନ ବ୍ୟବସ୍ଥା ନ ଥିବାବେଳେ ଶୌଚାଳୟ ସମସ୍ୟା ରହିଛି। ସାହିବାସିନ୍ଦାଙ୍କୁ ମୌଳିକ ସମସ୍ୟା ମିଳୁନାହିଁ। ପଦକ୍ଷେପ ନିଆ ନ ଗଲେ ସାହିବାସିନ୍ଦା ଭୋଟ ବର୍ଜନ କରିବେ ବୋଲି କହିଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୩।୨୦୨୨

| ୩,୮୬,୪୧୨ ଟଙ୍କା | |
|---|---|
| ସୁନା | ୪.୫୭୦ ଗ୍ରାମ |
| ରୁପା | ୧୫୦ ଗ୍ରାମ |

## ସଂକ୍ଷେପରେ

### ଦିବ୍ୟ ଚେତନା ରଥଯାତ୍ରା, ସନ୍ଥ ସମ୍ମିଳନୀ

ପୁରୀ ଅଫିସ, ୨୪।୩: ଅଖିଳ ଭାରତୀୟ ସନ୍ଥ ସମିତି ପକ୍ଷରୁ ଗୁରୁବାର ପୁରୀରେ ଦିବ୍ୟ ଚେତନା ରଥଯାତ୍ରା ସହ ସନ୍ଥ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ସଂସ୍କୃତି ଓ ପରମ୍ପରାର ସୁରକ୍ଷା, ବେଆଇନ ଗୋଚାଲାଣ, ମିଶନାରୀଙ୍କ ଦ୍ୱାରା ହିନ୍ଦୁ ଧର୍ମାନ୍ତରୀକରଣ ଏବଂ ବାଂଲାଦେଶୀ ଓ ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କୁ ବିରୋଧ କରାଯାଇ ଏହି ରଥଯାତ୍ରା କରାଯାଇଛି। ପୁରୀ ସହରର ପେଣ୍ଠକଟା ଅଞ୍ଚଳରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ପଦଯାତ୍ରା, ସନ୍ଥ ସମ୍ମିଳନୀ ଆୟୋଜିତ ହୋଇଥିଲା। କଟକୀ ମଠ ମହନ୍ତ ବିଜୟ ରାମାନୁଜ ଦାସ, ସନ୍ଥ ରାମକୃଷ୍ଣ ଦାସ ମହାରାଜ, ବିଷ୍ଣୁଗିରି ଜୀ ମହାରାଜଙ୍କ ସମେତ ୧୫୦ ସାଧୁସନ୍ଥ ଉପସ୍ଥିତ ଥିଲେ। ବିଶ୍ୱ ହିନ୍ଦୁ ପରିଷଦର ରାଜ୍ୟ ଉପସଭାପତି ସତ୍ୟନାରାୟଣ ଦାଶ, ରାଜ୍ୟ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ, ଜିଲା ସଭାପତି କିଶୋରୀ ମୋହନ ସିଂହ, କାର୍ଯ୍ୟକାରୀ ସଭାପତି ମହନ୍ତ ପର୍ଶୁରାମ ଦାସ ମହାରାଜ ଏବଂ ଜିଲା ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶଙ୍କରାନନ୍ଦ ଗିରି ଏବଂ ଜୀବନମୁକ୍ତାନନ୍ଦ ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପେଣ୍ଠକଟା ଅଞ୍ଚଳବାସୀ, ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ସହଯୋଗ କରିଥିଲେ।

### ଜିଲାପାଳଙ୍କ ଅଭିଯୋଗ ଶୁଣାଣି
### ନିରାଶ ହେଲେ ୨୦ରୁ ଊର୍ଦ୍ଧ୍ୱ ଅଭିଯୋଗକାରୀ

ଗୋପ,୨୪।୩(ଡି.ଏନ୍.ଏ.): ଗୋପ ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ କରିବାକୁ ଆସିଥିବା ହରେକୃଷ୍ଣ ଦାସ, ନସିମା ବିବି, ତହସିମ୍ ବିବି, ରସିଦା ଖାତୁନ୍, ଆନନ୍ଦ ଚନ୍ଦ୍ର ମୁଦୁଲି, ବୀରେନ୍ଦ୍ର ମୁଦୁଲି, କାଙ୍ଗାଳି ଭୋଇଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଅଭିଯୋଗକାରୀ ଫେରିଯାଇଥିଲେ। ଫଳରେ ଅସନ୍ତୋଷ ଦେଖାଦେଇଥିଲା। କେତେକ ସରକାରୀ ଯୋଜନା ସମ୍ପର୍କରେ ଅଭିଯୋଗ ଶୁଣାଣି କରାଯିବ ବୋଲି ପୂର୍ବରୁ ବିଭିନ୍ନ ପଞ୍ଚାୟତରେ ପ୍ରଚାର ଗାଡ଼ି ମାଧ୍ୟମରେ ଜଣାଯାଇଥିଲା। ତେଣୁ ଅଭିଯୋଗକାରୀ ଅଭିଯୋଗ ପତ୍ର ଧରି ଆସିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା ଯୋଗ ଦେଇଥିବାବେଳେ କେତେକ ଅଭିଯୋଗକାରୀଙ୍କ ଶୁଣାଣି ହୋଇଥିଲା। ପରେ କେତେକ ଅଭିଯୋଗକାରୀ ପହଞ୍ଚି ଅତିରିକ୍ତ ଜିଲାପାଳଙ୍କୁ ନ ପାଇ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କିଛି ସମୟ ଧରି ହୋହଲ୍ଲା କରିଥିଲେ। ସେଠାରେ ଅଭିଯୋଗ ଗ୍ରହଣ ପାଇଁ କେହି ନ ଥିବାରୁ ଅଭିଯୋଗକାରୀ ନିରାଶ ହୋଇ ଫେରିଥିଲେ।

### ଗ୍ରାମ୍ୟ ପରିମଳ ଯୋଜନା
### କେନ୍ଦ୍ରୀୟ ଟିମ୍‌ର କାକଟପୁର ଗସ୍ତ

କାକଟପୁର,୨୪।୩(ଡି.ଏନ୍.ଏ.): ସ୍ୱଚ୍ଛ ଭାରତ ମିଶନ ଅନ୍ତର୍ଭୁକ୍ତ ଗ୍ରାମ୍ୟ ପରିମଳ ଯୋଜନାରେ କାକଟପୁର ବ୍ଲକ ସୁହାଣପୁର, କାକଟପୁର ପଞ୍ଚାୟତର ପ୍ରକଳ୍ପଗୁଡ଼ିକ ଜିଲା ତଥା ରାଜ୍ୟ ସ୍ତରରେ ଭଲ ପ୍ରଦର୍ଶନ କରିଥିଲା। ତେଣୁ କେନ୍ଦ୍ରୀୟ ଟିମ ଗୁରୁବାର ବ୍ଲକ ପରିଦର୍ଶନରେ ଆସି ତଦାରଖ କରିଥିଲେ। ଏଚ୍ ବି ସାମସଙ୍ଗଙ୍କ ନେତୃତ୍ୱରେ କେନ୍ଦ୍ର ତଥା ସିକିମ ରାଜ୍ୟର ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ରୁରାଲ ଡେଭେଲପମେଣ୍ଟ ଆଣ୍ଡ ପଞ୍ଚାୟତିରାଜ(ଏସ୍‌ଆଇଆରଡି) ପକ୍ଷରୁ ସ୍ଥାନୀୟ ଏକ ପଞ୍ଚାୟତ ୟୁନିଟର ୧୪ଜଣିଆ ପ୍ରତିନିଧି ମଣ୍ଡଳୀ ପ୍ରକଳ୍ପଗୁଡ଼ିକ ଦେଖି ସନ୍ତୋଷ ବ୍ୟକ୍ତ କରିଥିଲେ। ବ୍ଲକ ପରିସର ସଭାଗୃହରେ ବ୍ଲକ ଗ୍ରାମ୍ୟ ଓ ପରିମଳ ବିଭାଗ ସଂଯୋଜକ ରମେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କେ. ସ୍ନେହାଶିଷ ସୁବୁଦ୍ଧି ଯୋଗଦେଇଥିଲେ। ବ୍ଲକ ପକ୍ଷରୁ ପରିଦର୍ଶନ ଟିମ୍‌କୁ ଜଗନ୍ନାଥଙ୍କ ଫଟୋଚିତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କାକଟପୁର ବ୍ଲକ ୧୬ଟି ପଞ୍ଚାୟତରୁ ସମସ୍ତ ଜିପି ମନିଟରମାନେ ଯୋଗଦେଇଥିଲେ।

# କୋଣାର୍କ ୭୪.୫୫, ନିମାପଡ଼ା ୭୨.୩୫, ପିପିଲିରେ ୭୧.୪୬ %

**ପୌର ନିର୍ବାଚନ ସରିଲା**

- ଭୋଟର ତାଲିକାରେ ନାମ ନ ଥିବାରୁ ଉତ୍ତେଜନା, କୋଣାର୍କ ୪ ନଂ. ବୁଥ୍‌ରେ ମତଦାନ ବିଳମ୍ବ
- ବିଭିନ୍ନ ବୁଥ୍ ବୁଲି ସ୍ଥିତି ଅନୁଧ୍ୟାନ କଲେ ଏସ୍‌ପି





ନିମାପଡ଼ାର ଏକ ବୁଥ୍‌ରେ ମତଦାନ ପାଇଁ ମତଦାତାଙ୍କ ଲମ୍ବା ଧାଡ଼ି । କୋଣାର୍କର ୪ ନଂ. ବୁଥ୍‌ରେ ଏସ୍‌ପି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

କୋଣାର୍କ/ନିମାପଡା/ପିପିଲି, ୨୪।୩(ଡି.ଏନ୍.ଏ./ସ୍ୱ.ପ୍ର.)

କୋଣାର୍କ ଏନ୍‌ଏସିର ୧୩ଟି ୱାର୍ଡରେ ମୋଟ ୧୨,୧୬୧ ଭୋଟରଙ୍କ ମଧ୍ୟରୁ ୯୦୬୬ ଭୋଟର ମତସାବ୍ୟସ୍ତ କରିଛନ୍ତି। ତେବେ ଶେଷ ସୁଦ୍ଧା ୭୪.୫୫ ପ୍ରତିଶତ ମତଦାନ ହୋଇଛି। ସକାଳ ୮ଟାରୁ ୧୫ଟି ବୁଥରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ ୭ନଂ. ୱାର୍ଡ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଗୋଲାପି ବୁଥ,୧୦ନଂ ୱାର୍ଡ ଦାମୋଦର ବାଳିକା ଉଚ୍ଚ ବିଦ୍ୟାଳୟକୁ ଆଦର୍ଶ ବୁଥ କରାଯାଇଥିଲା। ଭୋଟ ଆରମ୍ଭରୁ କରମଂଗା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ୪ନଂ ବୁଥରେ ଇଭିଏମରେ ତ୍ରୁଟି ଯୋଗୁ ମତଦାନ ବିଳମ୍ବ ହୋଇଥିଲା। ଏହି ବୁଥରେ ୫ଜଣ ଭୋଟରଙ୍କ ନାମ ଭୋଟର ତାଲିକାରେ ନ ଥିବାରୁ ଉତ୍ତେଜନା ଦେଖାଦେଇଥିଲା। ଏଜେଣ୍ଟଙ୍କ ନିକଟରେ ଭୋଟରଙ୍କ ନାମ ରହିଥିବାବେଳେ ପୋଲିଂ ଅଧିକାରୀଙ୍କ ତାଲିକାରେ ଭୋଟରଙ୍କ ନାମ ନ ଥିଲା। ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ସେମାନେ ଭୋଟ ଦେଇଥିଲେ। ଅପରାହ୍ନ ୫ଟାରେ ପ୍ରିଜାଇଡିଂ ଅଫିସର ଇଭିଏମ ସିଲ୍ କରିଦେବାରୁ ଅସନ୍ତୋଷ ଦେଖାଦେଇଥିଲା। ଫଳରେ କିଛି ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ଖବରପାଇ ଘଟଣାସ୍ଥଳରେ ଅତିରିକ୍ତ ଜିଲାପାଳ ସୁବାସ ନାଥଶର୍ମା, ପୁରୀ ଏସ୍‌ପି କେ. ବିଶାଲ ସିଂ ପହଞ୍ଚି କୋଣାର୍କ ଏନ୍‌ଏସି ନିର୍ବାଚନ ଅଧିକାରୀ ସେଖ ସାଗିରଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ଥାନା ଛକ ଆଶ୍ରମ ସ୍କୁଲ ଷ୍ଟ୍ରଙ୍ଗରୁମରୁ ନୂଆ ଇଭିଏମ ଅଣାଯାଇଥିଲା। ବିଳମ୍ବରେ ପ୍ରାୟ ସନ୍ଧ୍ୟା ୭ଟାରେ ଭୋଟ ଗ୍ରହଣ ହୋଇଥିଲା। ସେହିଭଳି ୧୦ନଂ ବୁଥରେ ଭୋଟ ଗ୍ରହଣକୁ ନେଇ କିଛି ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ଅନ୍ୟ ସମସ୍ତ ବୁଥରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟ ଗ୍ରହଣ ସରିଛି। ନିର୍ବାଚନକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ କୋଣାର୍କ, ଚନ୍ଦ୍ରଭାଗା ମେରାଇନ ଓ ରାମଚଣ୍ଡୀ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ରାତି ୮ଟା ସୁଦ୍ଧା କଡ଼ା ସୁରକ୍ଷା ବଳୟରେ ଷ୍ଟ୍ରଙ୍ଗରୁମରେ ସମସ୍ତ ଇଭିଏମକୁ ରଖାଯାଇଛି।

ସେହିପରି ପିପିଲି ଏନ୍‌ଏସିର ଭୋଟ କେନ୍ଦ୍ରରେ କିଛି ଜାଗାରେ ହିଂସା ହୋଇଥିବା ବେଳେ ଅନ୍ୟ ସବୁଠି ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଏଥିରେ ମତଦାନ ହାର ୭୧.୪୬ ପ୍ରତିଶତ ରହିଛି। ଅଧ୍ୟକ୍ଷ ପଦ ପାଇଁ ୫ଜଣ ଓ କାଉନ୍‌ସିଲର ପଦ ପାଇଁ ୫୦ଜଣ ପ୍ରତିଦ୍ୱନ୍ଦ୍ୱୀ ରହିଥିବା ବେଳେ ୧୧ହଜାର ୦୭୭ଜଣ ଭୋଟର ମତଦାନ କରିଛନ୍ତି। ପିପିଲି ଏନ୍‌ଏସିର ମୋଟ ୧୬ଟି ୱାର୍ଡ଼ ପାଇଁ ୧୩ଟି ସ୍ଥାନରେ ୨୦ଟି ବୁଥ୍‌ରେ ମତଦାତା ମତଦାନ କରିଥିଲେ। ପିପିଲି ବ୍ଲକ ଛକସ୍ଥିତ ସିରିଆପୁର ପ୍ରାଥମିକ ବିଦ୍ୟାଳୟରେ ୧୩ନଂ ଓାର୍ଡର ୨ଟି ବୁଥ ମଧ୍ୟରୁ ଗୋଟିଏକୁ ଆଦର୍ଶ ପିଙ୍କ୍ ବୁଥ୍ ହୋଇଥିଲା। ପିପିଲି ହାଟଛକ ନିକଟ ମିଶନ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଥିବା ୧୦ନଂ. ୱାର୍ଡର ମତଦାନ କେନ୍ଦ୍ରକୁ ଆଦର୍ଶ ମତଦାନ କେନ୍ଦ୍ର(ମଡେଲ ବୁଥ) କରାଯାଇଥିଲା। ଏହି ଦୁଇ ସ୍ଥାନର ମତଦାନ କେନ୍ଦ୍ରର ମୁଖ୍ୟ ପ୍ରବେଶ ଫାଟକରେ ବେଲୁନ ଗେଟ୍ କରାଯାଇଥିଲା। ବୁଥରେ ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ ଚେୟାର ଓ ର୍ୟାମ୍ପର ସୁବିଧା କରାଯାଇଥିଲା। ୧୪ନଂ ୱାର୍ଡରେ କାଉନସିଲର ପଦ ପାଇଁ ମତଦାନ ହୋଇ ନ ଥିବାବେଳେ କେବଳ ନଗରପାଳ ପଦ ପାଇଁ ଭୋଟ ହୋଇଥିଲା। ଏହି ଓାର୍ଡରୁ ବିଜେଡି କାଉନସିଲର ପ୍ରାର୍ଥୀ ଲିଲିତା ପାତ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ପିପିଲି କଲେଜରେ ଦୁଇଟି ବୁଥରେ ୭ ଓ ୮ନଂ ୱାର୍ଡ ମତଦାନ ବ୍ୟବସ୍ଥା ହୋଇଥିବା ବେଳେ ରାଜନୈତିକ ହିଂସା ଦେଖାଯାଇଥିଲା। ପୁରୀ ଏସ୍‌ପି କେ. ବିଶାଲ ସିଂ ପିପିଲି ଆସି ବିଭିନ୍ନ ବୁଥ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଭୋଟିଂ ସରିବା ପରେ ଇଭିଏମ୍‌ଗୁଡିକୁ ସ୍ଥାନୀୟ ଜବାହର ବିଦ୍ୟାପୀଠ ଷ୍ଟ୍ରଙ୍ଗରୁମରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି।

ସେହିପରି ନିମାପଡ଼ା ଏନ୍‌ଏସିର ୧୯ଟି ବୁଥ୍‌ରେ ଗୁରୁବାର ଶାନ୍ତିଶୃଙ୍ଖଳାରେ ସହ ଭୋଟ ଗ୍ରହଣ ଓ ମତଦାନ ସରିଛି। ଏହି ପୌର ନିର୍ବାଚନରେ ମୋଟରେ ଶତକଡ଼ା ୭୨.୩୫ ପ୍ରତିଶତ ମତଦାନ ହୋଇଥିବା ଏନ୍‌ଏସିର ନିର୍ବାଚନ ଅଧିକାର ସ୍ତୁତିପ୍ରଜ୍ଞା ପ୍ରିୟଦର୍ଶିନୀ ପ୍ରକାଶ କରିଛନ୍ତି। ଏହି ନିର୍ବାଚନରେ ମୋଟରେ ୧୫, ୭୮୨ଜଣ ମତଦାତାଙ୍କ ମଧ୍ୟରୁ ୫,୯୭୮ ଜଣ ପୁରୁଷ ଓ ୫,୪୪୦ ଜଣ ମହିଳା ମତଦାତା ମୋଟରେ ୧୧, ୪୧୮ଜଣ ମତଦାତା ସେମାନଙ୍କ ମତ ଦେଇଛନ୍ତି। ନିମାପଡ଼ାରେ ୨ଟି ପିଙ୍କ ବୁଥ୍ ଓ ୪ଟି ଆଦର୍ଶ ବୁଥରେ ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇଥିବା ବେଳେ ନିର୍ବାଚନ ଅଧିକାରୀ ସ୍ତୁତିପ୍ରଜ୍ଞା ପ୍ରିୟଦର୍ଶିନୀ କହିଛନ୍ତି। ଏନ୍‌ଏସି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୩ଜଣ ଅଧ୍ୟକ୍ଷା ପ୍ରାର୍ଥିନୀ ଓ ୨୪ଜଣ କାଉନସିଲର ପ୍ରାର୍ଥୀଙ୍କ ସମେତ ମୋଟରେ ୨୭ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଆସନ୍ତା ୨୬ତାରିଖରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ ବୋଲି ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପର୍କିତ ଜନଶୁଣାଣି

ଡେଲାଙ୍ଗ,୨୪।୩(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତିଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସମ୍ପର୍କରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଭବତାରଣ ସାହୁ, ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଜିଲା ଲୋକପାଳ ଭକ୍ତବିହାରୀ ମିଶ୍ର, ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀ, ଉପାଧ୍ୟକ୍ଷ ଦୁର୍ବସା ନିଶଙ୍କ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ୍ୱର ମହାରଣା, କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ରାଉତ, ଶୁଭ୍ରଜିତା ପାଣି, ସ୍ୱାଗତିକା ପ୍ରଧାନ, ଚିତ୍ରୋତ୍ପଳା ନାୟକ ପ୍ରମୁଖଙ୍କ ସହିତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଏବଂ ପଞ୍ଚାୟତନିର୍ବାହୀ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଗତ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସମ୍ପୂର୍ଣ୍ଣ ବିବରଣୀ ସହିତ ୨୦୨୦/୨୧ ବର୍ଷର ୨ଲକ୍ଷ ୨୭ ହଜାର ଟଙ୍କାର କାର୍ଯ୍ୟ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଥିଲା। ବାହାରେ କାମ କଲେ ମଜୁରି ୪୫୦ ଟଙ୍କା ମିଳୁଥିବା ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ନିୟୋଜିତ ଜବ୍‌କାର୍ଡଧାରୀମାନେ ୨୧୫ ଟଙ୍କାରେ କାମ କରିବା ସମ୍ଭବ ହେଉନାହିଁ। ତେଣୁ ଏହି ମଜୁରି ବୃଦ୍ଧି କରିବା ପାଇଁ ଜନପ୍ରତିନିଧିମାନେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରକଳ୍ପରେ ଥିବା ୨୬୩ ପ୍ରକାର କାମର ତାଲିକା ରହିଛି। କେଉଁ କାମଗୁଡ଼ିକ ହୋଇପାରିବ ତାହାର ନିୟମ, କାର୍ଯ୍ୟଧାରା, ସମ୍ପର୍କରେ ଏକ ପ୍ରଶିକ୍ଷଣ ଶିବିର ନବନିର୍ବାଚିତ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ନେଇ ଅନୁଷ୍ଠିତ ହେବା ନିମନ୍ତେ ଆହ୍ୱାନ କରାଯିବ ବୋଲି ବିଡିଓ ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। ସେହିପରି ରାଶନ କାର୍ଡ ସମ୍ପର୍କିତ ଅନେକ ଅଭିଯୋଗ ହୋଇଥିବା ବେଳେ ସମସ୍ୟାଗୁଡ଼ିକୁ ଖୁବ୍‌ଶୀଘ୍ର ସମାଧାନ କରିବା ପାଇଁ ଜନପ୍ରତିନିଧିମାନେ ଦୃଷ୍ଟି ଆକର୍ଷଣ କରିଥିଲେ।

## ୯ନଂ. ବୁଥ୍ ଭାଜପା ଏଜେଣ୍ଟଙ୍କୁ ଆକ୍ରମଣ

ପିପିଲି,୨୪।୩(ଡି.ଏନ୍.ଏ./ସ୍ୱ.ପ୍ର.)



ଆହତ ଏଜେଣ୍ଟ ଅନିଲ କୁମାର ସିଂ ।

ପିପିଲି ଏନ୍‌ଏସି ପାଇଁ ମତଦାନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ମୋଟ ୭୧.୪୬ ଶତକଡ଼ା ଭୋଟର ମତ ସାବ୍ୟସ୍ତ କରିଥିବା ନିର୍ବାଚନ ଅଧିକାରୀ ସପନ କୁମାର ନନ୍ଦ କହିଛନ୍ତି। ୧୬ଟି ୱାର୍ଡ ପାଇଁ ମତଦାନ ଚାଲୁଥିବା ବେଳେ କିଛି ଜାଗାରେ ମତଦାନରେ ବିଳମ୍ବ ହୋଇଥିବା ବେଳେ ଅନ୍ୟ କିଛି ଜାଗାରେ ରାଜନୈତିକ ହିଂସା ଦେଖିବାକୁ ମିଳିଛି। ୭ନଂ. ୱାର୍ଡର ୯ନଂ. ବୁଥ୍‌ରେ ଥିବା ଭାଜପା ଏଜେଣ୍ଟ ଅନିଲ କୁମାର ସିଂଙ୍କୁ କୌଣସି କାରଣକୁ ନେଇ କେତେଜଣ ଆକ୍ରମଣ କରିଛନ୍ତି।

ସକାଳ ୮ଟା ସମୟରେ ମତଦାନ ଆରମ୍ଭ ହୋଇଥିବା ବେଳେ କେତେକ ବୁଥ୍‌ରେ ଯାନ୍ତ୍ରିକ ତ୍ରୁଟି ପାଇଁ ମତଦାନ ପ୍ରକ୍ରିୟା ବିଳମ୍ବରେ ଆରମ୍ଭ ହୋଇଥିଲା। ୪ନଂ ଓାର୍ଡର ୪ନଂ ବୁଥରେ ପୋଲିଂ କର୍ମଚାରୀଙ୍କ ନିକଟରେ ଥିବା ଖାତାରେ ଟିପ ଚିହ୍ନ ମରାଯିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଜଣେ ଭୋଟର ଦସ୍ତଖତ କରିବା ପାଇଁ କହିବାରେ ପୋଲିଂ କର୍ମଚାରୀ ମନା କରି ଟିପ ଚିହ୍ନ ଦେବାକୁ କହିଥିଲେ। ଫଳରେ ଭୋଟର ଜଣକ ଭୋଟ ଦେବା ପାଇଁ ରାଜି ହୋଇ ନ ଥିଲେ। ତେବେ ପରେ ଦସ୍ତଖତ କରିବା ପାଇଁ ପୋଲିଂ କର୍ମଚାରୀ ରାଜି ହେବାରେ ଭୋଟର ଭୋଟ ଦେଇଥିଲେ। ସେହିପରି ମଧ୍ୟାହ୍ନ ୨ଟା ବେଳେ ୭ ନଂ. ୱାର୍ଡର ୯ନମ୍ବର ବୁଥରେ ରାଜନୈତିକ ହିଂସା ଦେଖିବାକୁ ମିଳିଥିଲା। ଅନିଲ କୁମାର ସିଂ ୯ନଂ ବୁଥରେ ଭାଜପାର ଏଜେଣ୍ଟ ଭାବେ କାର୍ଯ୍ୟ କରୁଥିବା ବେଳେ ବିରୋଧୀ ଦଳର କେତେଜଣ କର୍ମୀ ସେଠାରେ ପହଞ୍ଚି କୌଣସି କଥାକୁ ନେଇ ତାଙ୍କ ସହ ଯୁକ୍ତିତର୍କ କରିଥିଲେ। ବଚସା ଅଧିକ ହେବାରୁ ସେମାନେ ଉତ୍ତ୍ୟକ୍ତ ହୋଇ ଅନିଲଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅନିଲଙ୍କୁ ପ୍ରଥମେ ପିପିଲି ମେଡିକାଲ ଆଣିଥିବା ବେଳେ ପରେ ଅବସ୍ଥା ସଂକଟାପନ୍ନ ହେବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଏହି ଗଣ୍ଡଗୋଳ ଘଟିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲା। ଏ ନେଇ ପିପିଲି ଥାନା ଆଇଆଇସି ଅଭିମନ୍ୟୁ ନାୟକ କହିଛନ୍ତି, ଗଣ୍ଡଗୋଳରେ ଗୁରୁତରଙ୍କୁ ଭୁବନେଶ୍ୱର ପଠାଯାଇଛି, ହେଲେ ଏପର୍ଯ୍ୟନ୍ତ ଥାନାରେ ଏ ସମ୍ପର୍କରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ। ଅନ୍ୟପଟେ ଏ ସମ୍ପର୍କରେ ଭାଜପା ଅଧ୍ୟକ୍ଷ ପ୍ରାର୍ଥୀ ସୁକାନ୍ତ ଭଞ୍ଜ କହିଛନ୍ତି, ବୁଥ୍‌ରେ ଏଜେଣ୍ଟ ଅନିଲ କାର୍ଯ୍ୟ କରୁଥିବା ବେଳେ ହଠାତ୍ ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ ଓ ତାଙ୍କ ଏକାଧିକ ସମର୍ଥକ ସେଠାରେ ପହଞ୍ଚି କୌଣସି କଥାକୁ ପ୍ରଥମେ ଯୁକ୍ତିତର୍କ କରିଥିଲେ। ପରେ ଉତ୍ତ୍ୟକ୍ତ ହୋଇ ସମସ୍ତେ ଅନିଲଙ୍କୁ ମାଡ଼ମାରି ଗୁରୁତର କରିଥିଲେ। ସେପଟେ ଏହି ଆକ୍ରମଣରେ ସମ୍ପୃକ୍ତି ନ ଥିବା ରାଜ୍ୟ ବିଜେଡି ସମ୍ପାଦକ ପ୍ରିୟବ୍ରତ ସାମନ୍ତରାୟ କହିଛନ୍ତି।

## ଡକାୟତି ଯୋଜନା ବେଳେ ୭ ଗିରଫ

**ମାରଣାସ୍ତ୍ର, ବାଇକ୍, ମୋବାଇଲ ଫୋନ୍, ଟଙ୍କା ଜବତ**

ପୁରୀ ଅଫିସ, ୨୪।୩:

ପୁରୀ ବାସେଲିସାହି ଥାନା ପୋଲିସ ବୁଧବାର ବିଳମ୍ବିତ ରାତିରେ ଡକାୟତି ପାଇଁ ଯୋଜନା କରୁଥିବା ୭ଜଣିଆ ଗ୍ୟାଙ୍ଗକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବାସେଲି ସାହି ଥାନା ଅନ୍ତର୍ଗତ ନୀଳମାଧବ ଲେନ୍‌ର ଗୌତମ ପ୍ରଧାନ ଓରଫ ଗୁଡୁ (୨୧), ଲୋକନାଥ ରୋଡ୍‌ର ଗଣେଶ ମହାନ୍ତି (୩୦), ହାତୀଶାଳ ଗୋବିନ୍ଦ ଲେନ୍‌ର ରାଜେଶ ସେଠୀ ଓରଫ ରାଜା (୩୭), ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର କାଳିଆ ନାୟକ ଓରଫ ଲିଟୁ (୨୨), ମାର୍କଣ୍ଡେଶ୍ୱର ସାହି ମିଶ୍ର ନୋଳିଆସାହିର ତ୍ରିପତି ନାୟକ ଓରଫ ନଣ୍ଡା (୨୨) ଏବଂ ଟାଉନ ଥାନା ଅନ୍ତର୍ଗତ ମାଟିମଣ୍ଡପ ସାହିର ଶଙ୍କର ମହାନ୍ତି ଓରଫ ପିଲି (୩୬)। ଏମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ ଲୁହାରଡ୍, ଲାଠି, ଟର୍ଚ୍ଚଲାଇଟ୍, ୫ଟି ଖାଲି ବିୟର ବୋତଲ, ୩ଟି ମୋବାଇଲ ଫୋନ୍, ଓଆର୍ ୦୨-ଏଇ ୬୩୦୯ ନମ୍ବର ବିଶିଷ୍ଟ ହିରୋହୋଣ୍ଡା ବାଇକ୍ ଏବଂ ନଗଦ ୧୨ଶହ ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୬୭/୨୨) ରୁଜୁ କରିଛି।

ସୂଚନା ଅନୁଯାୟୀ, ବୁଧବାର ରାତିରେ କେତେଜଣ ବ୍ୟକ୍ତି ଓଁକାରେଶ୍ୱର ଜଙ୍ଗଲରେ ଏକାଠି ହୋଇ ପର୍ଯ୍ୟଟକ ଓ ଗାଡ଼ିରୁ ଡକାୟତି କରିବା ପାଇଁ ଯୋଜନା କରୁଥିଲେ। ଏହି ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ପରେ ସେମାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେମାନଙ୍କ ବିରୋଧରେ ୩୯୯, ୪୦୨, ୨୯୪, ୩୫୩, ୫୦୬, ୩୦୭ ଆଇପିସି, ସେକ୍ସନ ୩ ଏବଂ ୫ ଇଏସ୍ ଆକ୍ଟରେ ମାମଲା ରୁଜୁ କରାଯାଇଛି।

## ଦେଶ ସେବା ଭାବନା ସୃଷ୍ଟି କରନ୍ତୁ ଯୁବପିଢ଼ି

ପୁରୀ ଅଫିସ, ୨୪।୩:

ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବୁଧବାର ଶହୀଦ ଦିବସ ପାଳିତ ହୋଇଯାଇଛି। ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ଶହୀଦ ଦିବସ ପାଳନ ଅବସରରେ ଭଗତ୍ ସିଂ, ସୁଖଦେବ ଓ ରାଜଗୁରୁଙ୍କ ସ୍ମୃତିଚାରଣ କରାଯାଇଥିଲା। ଆଜିର ଯୁବପିଢ଼ି ନିଜ ମଧ୍ୟରେ ଦେଶ ସେବା ଭାବନା ସୃଷ୍ଟି କରିବାକୁ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଭି. ଶାରଦା ଆହ୍ୱାନ ଦେଇଥିଲେ। ସୌମ୍ୟ ରଞ୍ଜନ ପୃଷ୍ଟି, ବିଶ୍ୱଜିତ ସାହୁ, କ୍ଷେତ୍ରମୋହନ ଜେନା, ବିଜୟଲକ୍ଷ୍ମୀ ବରାଳ, ରୂପଶ୍ରୀ ମାଝୀ ଏବଂ ଦିବ୍ୟଜ୍ୟୋତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ମରିଚିକୋଟ ଲେନ୍‌ର ବ୍ୟବସାୟୀମାନେ ଶହୀଦ୍ ଭଗତ ସିଂ, ସୁଖଦେବ ଏବଂ ରାଜଗୁରୁଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଭଗତ ସିଂ ସ୍ମୃତି କମିଟି ଏବଂ ରାମମନୋହର ଲୋହିଆ ଜୟନ୍ତୀ କମିଟି ପକ୍ଷରୁ ଶହୀଦ୍ ଦିବସ ସମେତ ଲୋହିଆଙ୍କ ୧୧୨ତମ ଜୟନ୍ତୀ ପାଳିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ଗିରିଶ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇନଜୀବୀ ପୁଷ୍କର ମହାପାତ୍ର, ମୁଖ୍ୟ ବକ୍ତା ଭାବେ ଅଶୋକ କୁମାର ଆଢ୍ୟ, ସମ୍ମାନିତ ବକ୍ତା ଭାବେ ରଚିତା ରାଉତରାୟ, ଜଗନ୍ନାଥ ଦେଓ, ଦୁର୍ଗାପ୍ରସାଦ ମହାପାତ୍ର, ଲକ୍ଷ୍ମଣ ପାଣ୍ଡେ, ନବକିଶୋର ଶତପଥୀ, ମନମୋହନ ପୃଷ୍ଟି, ଯଦୁମଣି ସାହୁ, କୃଷ୍ଣମୋହନ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ପାଦକ ବିମଳ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ। ଶ୍ରମିକ ନେତା ଟୁନା ନାୟକଙ୍କ ସଭାପତିତ୍ୱରେ ବାଲିସାହି ହରିଜନ ବସ୍ତିରେ ଶହୀଦ୍ ଦିବସ ପାଳିତ ହୋଇଯାଇଛି। ଜଗନ୍ନାଥ ଦେଓ, ରୂପେଶ ନାୟକ, ଜ୍ୟୋତି ପ୍ରକାଶ ନାୟକ, ଅଜୟ ନାୟକ, ପାପୁନା ନାୟକ ଏବଂ ଶୁକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ହରିରାଜପୁର ମହୋତ୍ସବ ଉଦ୍‌ଯାପିତ



ହରିରାଜପୁର ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ ।

ଡେଲାଙ୍ଗ,୨୪।୩(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର ହରିରାଜପୁରରେ ଅନୁଷ୍ଠିତ ପ୍ରସିଦ୍ଧ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣର ବୁଧବାରଠାରୁ ଜମାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତେବେ ମେଳଣ ସନ୍ଧ୍ୟାକୁ ଆହୁରି ଆକର୍ଷଣୀୟ ଓ ମନୋରମ କରିବା ପାଇଁ ହରିରାଜପୁର ଗ୍ରାମର ଓଡ଼ିଆ ଅନୁଷ୍ଠାନ ଓ ରାଜ୍ୟ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ହରିରାଜପୁର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ରୁଦ୍ରପ୍ରତାପ ମହାରଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବର ଉଦ୍‌ଘାଟନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଗୋଟିପୁଅ, ଓଡ଼ିଶୀ, ମାହିର ନୃତ୍ୟ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ବାନ୍ଧି ରଖି ପାରିଥିଲା। ସେହିପରି ଓଡ଼ିଶୀ ନୃତ୍ୟ ଏହି ମହୋତ୍ସବରେ ଅତି ଆକର୍ଷଣୀୟ ହୋଇଥିବା ବେଳେ ଦର୍ଶକମାନଙ୍କୁ ମୋହିତ କରିଥିଲା। ଓଡ଼ିଆ ଅନୁଷ୍ଠାନର କ୍ଷିତୀଶ ଦାଶ ସଭା ସଂଯୋଜନା କରିଥିବା ବେଳେ ସଭାପତି ତାପସ ରଞ୍ଜନ ମହାରଥି ଅତିଥି ପରିଚୟ ପ୍ରଦାନ କରିଥିଲେ। ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବସା ନିଶଙ୍କ, ଜିଲା ପରିଷଦ ପ୍ରସନ୍ନ ସାହୁ, ପୂର୍ବତନ ଜିଲା ପରିଷଦ ମଳୟ ମହାନ୍ତି, ଦେବାଶିଷ ନନ୍ଦ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ମହାଦେବ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଉପାଧ୍ୟକ୍ଷ ନିର୍ବାଚନକୁ ନେଇ ଶାସକ ଦଳରେ କନ୍ଦଳ

ଗୋପ,୨୪।୩(ଡି.ଏନ୍.ଏ.)

ଗୋପ ବ୍ଲକ ଉପାଧ୍ୟକ୍ଷ ପଦକୁ ନେଇ ଏବେ ଶାସକ ଦଳରେ କନ୍ଦଳ ଆରମ୍ଭ ହୋଇଯାଇଛି। ଅନ୍ୟପଟେ ଅସନ୍ତୁଷ୍ଟ ହୋଇଥିବା ଶାସକ ଦଳର ଗୋପ ବ୍ଲକ ସଭାପତି ଦଳରୁ ଇସ୍ତଫା ଦେବେ ବୋଲି ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶାସକ ଦଳ ବ୍ଲକ ଦଖଲ କରିବ ବୋଲି ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଥିଲେ। ଶାସକ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା। ଏହି ସଂଖ୍ୟାକୁ ନେଇ ଗତ ୧୨ ତାରିଖରେ ଅନୁଷ୍ଠିତ ଅଧ୍ୟକ୍ଷା ନିର୍ବାଚନରେ ମଧ ଶାସକ ଦଳ ପକ୍ଷରୁ ଅଧ୍ୟକ୍ଷା ପ୍ରାର୍ଥୀ ଝୁନୁ ମଲ୍ଲିକ ନିର୍ଦ୍ୱନ୍ଦ୍ୱରେ ୨୫ରୁ ଊର୍ଦ୍ଧ୍ୱ ସମିତି ସଭ୍ୟ ସଭ୍ୟାଙ୍କୁ ବିଜୟୀ ହୋଇଥିଲେ। କିନ୍ତୁ ଅଧ୍ୟକ୍ଷା ପଦ ନିର୍ବାଚନ ପରେ ଅର୍ଥାତ ୨୩ ତାରିଖ ଦିନ ବ୍ଲକ ଉପାଧ୍ୟକ୍ଷ ପଦ ନିର୍ବାଚନରେ ଶାସକ ଦଳରୁ ପ୍ରାର୍ଥୀ ହୋଇଥିବା କାଶୀନାଥ ନାୟକ ୧୪ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିବା ବେଳେ ମିଳିତ ମଞ୍ଚ ପ୍ରାର୍ଥୀ ବନରଞ୍ଜନ ପଟ୍ଟନାୟକ ୧୭ ଖଣ୍ଡ ଭୋଟ ପାଇ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। କେମିତି ଓ କାହା ଚାପରେ କ୍ରସ ଭୋଟ ହେଲା ବୋଲି ଶାସକ ଦଳରେ କନ୍ଦଳ ଆରମ୍ଭ ହୋଇଥିଲା। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଦଳରେ କାହିଁକି ଶାସକ ଦଳର ସଭ୍ୟ ସଭ୍ୟା କ୍ରସ ଭୋଟ କଲେ ତାକୁ ନେଇ ଆରମ୍ଭ ହୋଇଛି ବାଦ ବିବାଦ। ଗୋପ ବ୍ଲକରେ ଦୁଇ ଜଣ ମନ୍ତ୍ରୀ ଥିବାବେଳେ କାହିଁକି ଏମିତି ହେଲା ଏହାକୁ ନେଇ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରି ଏକ ଅଭିଯୋଗ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟଙ୍କୁ ପଚାରିବାରେ ମୋ ନିକଟରେ ସେପରି କିଛି ଉତ୍ତର ନାହିଁ ବୋଲି କହିଥିଲେ।

## ଶ୍ରୀମନ୍ଦିର ଫାଟ ସ୍ଥିତି ଅନୁଧ୍ୟାନ କଲା 'ସାହିଭାଇ'

ପୁରୀ ଅଫିସ,୨୪।୩:

ଶ୍ରୀମନ୍ଦିର ନାଟମଣ୍ଡପରେ ଫାଟ ସୃଷ୍ଟି ହୋଇଥିବା ଖବର ଲୋକଲୋଚନକୁ ଆସିବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ 'ସାହିଭାଇ' ଅନୁଷ୍ଠାନ ପକ୍ଷରୁ ଏକ ପ୍ରତିନିଧି ଦଳ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ କାର୍ଯ୍ୟର ସମୀକ୍ଷା କରାଯିବା ସହ ମନ୍ଦିର ପରିସର ଫାଟକୁ ବୁଲି ଦେଖିଛନ୍ତି। ନାଟମଣ୍ଡପ ଓ ରତ୍ନଭଣ୍ଡାର କାନ୍ଥରେ ଫାଟ ଥିବା ସେମାନେ ଦେଖିବାକୁ ପାଇଛନ୍ତି। ଏହି ଫାଟ ଯୋଗୁ ଶ୍ରୀମନ୍ଦିର ସୁରକ୍ଷା ଏବଂ ଐତିହ୍ୟ ପ୍ରତି ବିପଦ ଦେଖାଦେଇଛି। ତେଣୁ ପ୍ରଶାସନ ତୁରନ୍ତ ମରାମତି ଲାଗି ପଦକ୍ଷେପ ନେବାକୁ ସାହିଭାଇ ଅନୁଷ୍ଠାନ ଦାବି କରିଛି। ସେହିପରି ପ୍ରଶାସନ ପକ୍ଷରୁ ପ୍ରଦତ୍ତ ତଥ୍ୟ ଠାରୁ ଢେର ଅଧିକ ଗଭୀରତା ପର୍ଯ୍ୟନ୍ତ ଖୋଳାଯାଇଛି ବୋଲି ଏହି ପ୍ରତିନିଧି ଦଳ ଅଭିଯୋଗ କରିଛି। କେଉଁ ଆଧାର ଓ କାଗଜପତ୍ର ବଳରେ ନିର୍ମାଣ କାର୍ଯ୍ୟ ଚାଲିଛି ତାହା ସାର୍ବଜନୀନ କରାଯିବାକୁ ଦାବି କରାଯାଇଛି। ଏନେଇ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି ସମ୍ପାଦକ ଚନ୍ଦ୍ର ଶେଖର ମିଶ୍ର କହିଛନ୍ତି। ଏହି ପ୍ରତିନିଧି ଦଳରେ କାର୍ଯ୍ୟକାରୀ ସଭାପତି ବ୍ରଜବନ୍ଧୁ ମହାରଣା, ସଙ୍ଗଠନ ସମ୍ପାଦକ ଦୀପକ କୁମାର ଜେନା, ସହସମ୍ପାଦକ ସତ୍ୟକାମ ସାହୁ, ସଦସ୍ୟ ବିଶ୍ୱଜିତ ମହାନ୍ତି, ଅଶୋକା ମଞ୍ଜରୀ ନାୟକ, ନିହାରିକା ତ୍ରିପାଠୀ, ଶଶାଙ୍କ ଶେଖର ମିଶ୍ର ପ୍ରମୁଖ ସାମିଲ ଥିଲେ।

## ଜିଲାରେ ୧୨୪୫ ଯକ୍ଷ୍ମା ପୀଡ଼ିତ ଚିହ୍ନଟ

ପୁରୀ ଅଫିସ,୨୪।୩:

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଗୁରୁବାର ବିଶ୍ୱ ଯକ୍ଷ୍ମା ଦିବସ ପାଳିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ଯକ୍ଷ୍ମା ନିରାକରଣ ପାଇଁ ସହଯୋଗ କରନ୍ତୁ, ଅମୂଲ୍ୟ ଜୀବନ ରକ୍ଷା କରନ୍ତୁ' ଶୀର୍ଷକ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର ଯୋଗଦେଇଥିଲେ। ଆସନ୍ତା ୨୦୨୫ ସୁଦ୍ଧା ଓଡ଼ିଶାକୁ ଯକ୍ଷ୍ମାମୁକ୍ତ କରିବା ପାଇଁ ସାମୂହିକ ପ୍ରୟାସ ଆବଶ୍ୟକ ବୋଲି ସେ କହିବା ସହ ଲମ୍ବା କାଶ, କଫ ଭଳି ଲକ୍ଷଣ ପ୍ରକାଶ ପାଇଲେ ପରୀକ୍ଷା କରାଇନେବାକୁ ପରାମର୍ଶ ଦେଇଛନ୍ତି। ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ତଥା ଯକ୍ଷ୍ମା ବିଶେଷଜ୍ଞ ଡାକ୍ତର ଲଲାଟେନ୍ଦୁ ମିଶ୍ର କହିଛନ୍ତି, ପ୍ରତି ଏକଲକ୍ଷ ଜନସଂଖ୍ୟାରେ ୧୨ଶହ ବ୍ୟକ୍ତିଙ୍କ କଫ ପରୀକ୍ଷା କରାଯାଉଛି। ଗତବର୍ଷ ପୁରୀ ଜିଲାର ୧୯ ଲକ୍ଷ ଲୋକଙ୍କ ମଧ୍ୟରୁ ୨୩ ହଜାର ଲୋକଙ୍କ ଯକ୍ଷ୍ମା ପରୀକ୍ଷା କରାଯାଇଛି। ଗତବର୍ଷ ୧୨୪୫ ଜଣ ଯକ୍ଷ୍ମାରେ ପୀଡ଼ିତ ଥିବା ଚିହ୍ନଟ ହୋଇଥିବାବେଳେ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୨୨ ଜଣ ଭର୍ତ୍ତି ହୋଇଥିଲେ। ଗତବର୍ଷ ଚିକିତ୍ସା ସଫଳତା ହାର ୯୦ ପ୍ରତିଶତ ଓ ମୃତ୍ୟୁହାର ୩.୯ ପ୍ରତିଶତ ଥିଲା। ସେହିଭଳି ଏମ୍‌ଡିଆର୍ ଚିକିତ୍ସା ହାର ଶତପ୍ରତିଶତ ରହିଛି। ଚିକିତ୍ସା ବେଳେ ପୁଷ୍ଟିସାର ଖାଦ୍ୟ ଲାଗି ପ୍ରତ୍ୟେକ ରୋଗୀଙ୍କୁ ମାସିକ ୫ଶହ ଟଙ୍କା ଦିଆଯାଉଥିବା ମିଶ୍ର କହିଛନ୍ତି। ଏହି ଅବସରରେ ଯକ୍ଷ୍ମାରୁ ଆରୋଗ୍ୟ ହୋଇ ସଚେତନତା ସୃଷ୍ଟି କରୁଥିବା ବ୍ୟକ୍ତିମାନଙ୍କୁ ଟିବି ଚାମ୍ପିୟନ ଭାବେ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଅଧିକାରୀ ସୁନୀଲ ତରାଇ, ସଂକ୍ରାମକ ରୋଗ ବିଶେଷଜ୍ଞ ଲଳିତ କୁମାର ଦାସ, ଡିପିଏମ୍ ଟି. ନାରାୟଣ ରାଓ, ଏଏନ୍‌ଏମ୍ ତାଲିମ କେନ୍ଦ୍ର ଅଧ୍ୟକ୍ଷା ନୟନା ସାମଲ ଉପସ୍ଥିତ ଥିଲେ।

# ୨୩୧ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍

## ଖୋର୍ଦ୍ଧାରେ ୬୭.୪୨, ଜଟଣୀ ୫୬.୮୭, ବାଲୁଗାଁ ୭୪.୩୭ ଓ ବାଣପୁରରେ ୭୨.୯୮% ମତଦାନ

ଖୋର୍ଦ୍ଧା ଅଫିସ/ବାଲୁଗାଁ/ଜଟଣୀ, ୨୪।୩ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲାରେ ଗୁରୁବାର ଖୋର୍ଦ୍ଧା, ଜଟଣୀ ପୌରାଞ୍ଚଳ ସମେତ ବାଣପୁର ଓ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଭୋଟଗ୍ରହଣ କରାଯାଇଛି। କାଁ ଭାଁ ଉତ୍ତେଜନାକୁ ବାଦ୍ ଦେଲେ ମତଦାନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଖୋର୍ଦ୍ଧା ପୌରାଞ୍ଚଳରେ ପୌରାଧ୍ୟକ୍ଷା ପଦ ପାଇଁ ୩ଜଣ ପ୍ରାର୍ଥୀ ରହିଥିବା ବେଳେ ୨୨ଟି ୱାର୍ଡରେ କାଉନସିଲର ପଦ ପାଇଁ ୬୭ଜଣ ପ୍ରାର୍ଥୀ ରହିଛନ୍ତି। ସେହିପରି ଜଟଣୀ ପୌରାଞ୍ଚଳରେ ୬ ପୌରାଧ୍ୟକ୍ଷା ଏବଂ ୮୬ କାଉନସିଲର ପ୍ରାର୍ଥୀ, ବାଲୁଗାଁ ଏନ୍ଏସି ୬ ଅଧ୍ୟକ୍ଷା ଏବଂ ୨୫ଜଣ କାଉନସିଲର ପ୍ରାର୍ଥୀ ଏବଂ ବାଣପୁର ଏନ୍ଏସିରେ ୬ ଅଧ୍ୟକ୍ଷ ଏବଂ ୩୨ଜଣ କାଉନସିଲର ପ୍ରାର୍ଥୀ ରହିଛନ୍ତି। ୨୧ ପୌରାଧ୍ୟକ୍ଷ ଓ ୨୧୦ କାଉନ୍‌ସିଲର ମୋଟ ୨୩୧ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ୍ ହୋଇଛି।

ଖୋର୍ଦ୍ଧା ପୌରାଞ୍ଚଳର ୨୨ କାଉନସିଲର ଏବଂ ପୌରାଧ୍ୟକ୍ଷ ପଦ ପାଇଁ ୪୪ଟି ବୁଥ୍‌ରେ ମତଦାନ ଅନୁଷ୍ଠିତ ହୋଇଥିଲା। ୩୭,୫୧୪ ଭୋଟରଙ୍କ ମଧ୍ୟରୁ ୨୫,୩୧୧ଜଣ ଭୋଟର ନିଜ ମତ ସାବ୍ୟସ୍ତ କରିଥିଲେ। ସେଥିରୁ ପୁରୁଷ ୧୩,୩୪୦ ଓ ମହିଳା ୧୧,୯୭୧ ଭୋଟର ରହିଛନ୍ତି। ମତଦାନ ହାର ୬୭.୪୨ ପ୍ରତିଶତ ରହିଛି। ସେହିପରି ଜଟଣୀ ପୌରାଞ୍ଚଳରେ ୨୩ କାଉନସିଲର ଏବଂ ପୌରାଧ୍ୟକ୍ଷ ପଦ ପାଇଁ ୫୪ଟି କେନ୍ଦ୍ରରେ ମତଦାନ ହୋଇଥିଲା। ୪୫,୮୭୫ ଭୋଟରଙ୍କ ମଧ୍ୟରୁ ୨୬,୦୯୦ ଭୋଟର ମତଦାନ କରିଥିଲେ। ସେଥିରୁ ପୁରୁଷ ୧୩,୬୩୬ ଓ ମହିଳା ୧୨,୪୫୪ ଜଣ ରହିଛନ୍ତି। ମତଦାନ ହାର ୫୬.୮୭ ପ୍ରତିଶତ ରହିଛି। ବାଲୁଗାଁ ଏନ୍ଏସିରେ ୧୧ କାଉନସିଲର ଓ ଅଧ୍ୟକ୍ଷା ପଦ ପାଇଁ ୧୬ଟି ବୁଥ୍‌ରେ ମତଦାନ ହୋଇଥିଲା। ସେଥିରୁ ଗୋଟିଏ ପିଙ୍କ୍ ବୁଥ୍ ରହିଥିଲା। ୧୨,୯୧୩ ଭୋଟରଙ୍କ ମଧ୍ୟରୁ ସେଥିରୁ ୯,୬୦୩ଜଣ ମତଦାନ ସାବ୍ୟସ୍ତ କରିଛନ୍ତି। ସେଥିରୁ ପୁରୁଷ ୫୧୫୫ ଓ ମହିଳା ୪୪୪୭ ଏବଂ ଜଣେ ତୃତୀୟ ଲିଙ୍ଗୀ ମତଦାନ ସାବ୍ୟସ୍ତ କରିଛନ୍ତି। ମତଦାନ ହାର ୭୪.୩୭ ପ୍ରତିଶତ ରହିଛି। ବାଣପୁର ଏନ୍ଏସି ୧୫ କାଉନସିଲର ଓ ଅଧ୍ୟକ୍ଷ ପଦ ପାଇଁ ୧୭ଟି କେନ୍ଦ୍ରରେ ମତଦାନ ହୋଇଥିଲା। ୧୩,୨୨୫ଙ୍କ ଭୋଟରଙ୍କ ମଧ୍ୟରୁ ୯,୬୫୨ଜଣ ମତଦାନ ସାବ୍ୟସ୍ତ କରିଛନ୍ତି। ସେଥିରୁ ପୁରୁଷ ୪୭୫୩ ଏବଂ ମହିଳା୪୮୯୯ ଭୋଟର ରହିଛନ୍ତି। ମତଦାନ ହାର ୭୨.୯୮ପ୍ରତିଶତ ରହିଛି। ଏନେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କୁହନ୍ତି, ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଆସନ୍ତା ୨୬ତାରିଖରେ ଭୋଟ ଗଣତି କରାଯିବ। ଷ୍ଟ୍ରଙ୍ଗରୁମ କରାଯାଇଛି, ଉକ୍ତ ସ୍ଥାନରେ ଭୋଟ ଗଣନା କରାଯିବ। ସକାଳ ୮ଟାରୁ ଭୋଟ୍ ଗଣତି ପ୍ରକ୍ରିୟା ଆରମ୍ଭ ହେବ। ଅଧ୍ୟକ୍ଷ ଓ କାଉନସିଲର ନିମନ୍ତେ ଭୋଟ ଗଣନା କରାଯିବ। ପ୍ରତ୍ୟେକ ପାଇଁ ଦୁଇଟି ଲେଖାଏ ଟେବୁଲ ରହିବ। ପ୍ରତ୍ୟେକ ଟେବୁଲରେ ଜଣେ ଲେଖାଏ କାଉଣ୍ଟିଂ ସୁପରଭାଇଜର, କାଉଣ୍ଟିଂ ଆସିଷ୍ଟାଣ୍ଟ ରହିବେ। ଷ୍ଟ୍ରଙ୍ଗରୁମରୁ କାଉଣ୍ଟିଂ ହଲକୁ ଇଭିଏମ ଆଣିବା ପାଇଁ ନୋଡାଲ ଅଫିସର ଏବଂ ଏସ୍କର୍ଟ ଅଧିକାରୀ ନିଯୁକ୍ତ ହେବେ।


ଖୋର୍ଦ୍ଧା ଜେମାଦେଇ ମଡେଲ୍ ବୁଥରେ ଭୋଟରଙ୍କ ଲମ୍ବା ଧାଡ଼ି।


ଜଣେ ବୃଦ୍ଧା ଭୋଟ ଦେଇ ହୁଇଲ୍ ଚେୟାରରେ ଫେରୁଛନ୍ତି।

## ସଂକ୍ଷେପରେ

### ବୁଥ୍ ଜଗିଥିଲେ ୩ ପ୍ଲାଟୁନ ଫୋର୍ସ

**ଖୋର୍ଦ୍ଧା ଅଫିସ, ୨୪।୩:** ଶୃଙ୍ଖଳିତ ପୌର ନିର୍ବାଚନ ପାଇଁ ଖୋର୍ଦ୍ଧା ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି କୁହନ୍ତି, ନିର୍ବାଚନକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମ୍ବେଦନଶୀଳ ବୁଥ୍ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ନିର୍ବାଚନ ପରିଚାଳନା ଦୃଷ୍ଟିରୁ ଅତିରିକ୍ତ ଏସ୍‌ପି ୨, ଡିଏସ୍‌ପି ୩, ଏସ୍‌ଡିପିଓ ୨, ଇନିସପେକ୍ଟର୧୦, ଏସ୍ଆଇ ୮, ଏଏସ୍ଆଇ ୨୨ ପ୍ରମୁଖ ନିୟୋଜିତ ହୋଇଥିଲେ। ୯ଟି ମୋବାଇଲ ୟୁନିଟ ରହିଥିଲା। ସେଥିରୁ ଖୋର୍ଦ୍ଧାରେ ୪, ବାଣପୁର ୩ ଓ ବାଲୁଗାଁରେ ୨ଟି ୟୁନିଟ ରହିଥିଲେ। ୩ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ। ଅତିରିକ୍ତ ଏସପି ଏସ. ମୁର୍ମୁ ଖୋର୍ଦ୍ଧା ଦାୟିତ୍ୱରେ ରହିଥିବା ବେଳେ ତାଙ୍କ ସହ ସଦର ଏସ୍‌ଡିପିଓ ସୁଶିଲ ମିଶ୍ର ଏବଂ ଡିଏସ୍‌ପି ଓମ୍ ପ୍ରକାଶ ପାତ୍ର ସହଯୋଗୀ ରହିଥିବା ବେଳେ ବାଲୁଗାଁ ଓ ବାଣପୁର ପାଇଁ ଏଏସପି ସୁରେଶ କୁମାର ଦାଶ ଦାୟିତ୍ୱରେ ରହିଥିଲେ। ତାଙ୍କ ସହିତ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ସୁଜିତ ପଣ୍ଡା, ରବିନାରାୟଣ ପାଢୀ ପ୍ରମୁଖ ସହଯୋଗୀ ରହିଥିଲେ। ଏଥିସହିତ ପୋଲିସ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ବ୍ୟବସ୍ଥା କରାଯାଇଥିଲା।

### ବିଶ୍ୱଶାନ୍ତି ମହାଯଜ୍ଞ

**ନିରାକାରପୁର,୨୪।୩(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ କାଶୀପୁର ଚିତ୍ରକୂଟ ପାହାଡ଼ ପାଦଦେଶ ସ୍ଥିତ ମା' ଭୈରବୀଙ୍କ ପୀଠରେ ତିନିଦିନ ବ୍ୟାପୀ ଦ୍ୱାଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମା'ଭୈରବୀ ପୂଜା ସମିତି ଆନୁକୂଲ୍ୟରେ ଆୟୋଜିତ ମହାଯଜ୍ଞରେ ଗୁରୁବାର ଅପରାହ୍ନରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଡାକ୍ତରଖାନାରେ ଭଙ୍ଗାରୁଜା

**ବାଲକାଟୀ,୨୪।୩(ଡି.ଏନ୍.ଏ.):** ବାଲକାଟୀ ଅଞ୍ଚଳରେ ବୁଧବାର ରାତିରେ ମେଳଣ ଜମାଣ ଉତ୍ସବ ଚାଲିଥିବାବେଳେ କେତେଜଣ ଯୁବକ ହାତାହାତି ହୋଇଥିଲେ। ଏଥିରେ କିଛି ଯୁବକ ଆହତ ହୋଇ ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାକୁ ଯାଇଥିଲେ, ହେଲେ ସେଠାରେ ଯୁବକମାନେ ପୁଣି ଉତ୍ତ୍ୟକ୍ତ ହୋଇ ଭଙ୍ଗାରୁଜା କରିଛନ୍ତି। ଏ ନେଇ ଡାକ୍ତରଖାନା ପକ୍ଷରୁ ବାଲକାଟୀ ଫାଣ୍ଡିରେ ଅଭିଯୋଗ କରାଯାଇଛି। ସୂଚନାଯୋଗ୍ୟ, ବାଲକାଟୀରେ ବିଳମ୍ବିତ ରାତିରେ ପଞ୍ଚଦୋଳ ମେଳଣ ଉତ୍ସବ ଆୟୋଜିତ ହୋଇଥିଲେ। ଏଥିରେ ଶତାଧିକରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ବେଳେ ଜମାଣ ଶୋଭାଯାତ୍ରାରେ ନାଚିବାକୁ ନେଇ ନୂଆପାଟଣା ଗ୍ରାମର ୨ଜଣ ଯୁବକଙ୍କ ମଧରେ ହାତାହାତି ପରେ ଗଣ୍ଡଗୋଳ ହୋଇ ଉଭୟଙ୍କ ମୁଣ୍ଡ ଫାଟିଥିଲା। ଫଳରେ ସ୍ଥାନୀୟ ଲୋକେ ଦୁଇଜଣଙ୍କୁ ଉଦ୍ଧାର କରି ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେମାନଙ୍କୁ ଡ୍ରେସିଂ କରିବାରେ ବିଳମ୍ବ ହେବାରୁ ଉତ୍ତ୍ୟକ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରର କାଚ କବାଟକୁ ବାଡ଼େଇ ଭାଙ୍ଗିଦେଇଥିଲେ। ଏ ନେଇ ଗୁରୁବାର ମୁଖ୍ୟ ଚିକିତ୍ସାଧିକାରୀ ତନ୍ମୟ ତ୍ରିପାଠୀ ବାଲକାଟୀ ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ଜମାଣ ଉତ୍ସବରେ ବେଆଇନ ନିଶା ବେପାରୀ ଲକ୍ଷାଧିକ ଟଙ୍କାର ଚୋରା ମଦ କାରବାର ଅବାଧରେ ଚଳାଇଥିବା ବେଳେ ସ୍ଥାନୀୟ ପୋଲିସର ଅଙ୍କୁଶ ନ ଲାଗିବା ଗଣ୍ଡଗୋଳର ମୁଖ୍ୟ କାରଣ ବୋଲି ଚର୍ଚ୍ଚା ହେଉଛି।

## ଭୋଟ ଦେଇ ନ ପାରି ଫେରିଲେ ଶତାଧିକ ଭୋଟର

ଖୋର୍ଦ୍ଧା ଅଫିସ,୨୪।୩

ପୌର ନିର୍ବାଚନ ପାଇଁ ଗୁରୁବାର ଭୋଟଗ୍ରହଣ କରାଯାଇଛି। ତେବେ ଅନେକ ଭୋଟରଙ୍କ ନାଁ ଭୋଟର ଲିଷ୍ଟରେ ନ ଥିବାରୁ ଭୋଟଦାନରୁ ବଞ୍ଚିତ ହୋଇଛନ୍ତି। ଖୋର୍ଦ୍ଧାର ପ୍ରାୟ ବୁଥରେ ଏଭଳି ସମସ୍ୟା ଦେଖାଦେଇଛି। ଭୋଟରମାନେ ଗୋଟିଏ ବୁଥରୁ ଅନ୍ୟ ବୁଥ୍‌କୁ ଦୌଡୁଥିବା ଦେଖିବାକୁ ମିଳିଥିଲା। ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଭୋଟର ମତଦାନରୁ ବଞ୍ଚିତ ହୋଇଥିବା ଜଣାପଡିଛି। ୨୦୧୯ ସାଧାରଣ ନିର୍ବାଚନରେ ଭୋଟ ଦେଇଥିବା ଏକାଧିକ ଭୋଟରଙ୍କ ନାଁ କଟି ଯାଇଥିବା ନେଇ ଅନେକ ଭୋଟର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଣେ ଭୋଟର କୁହନ୍ତି ଭୋଟରଙ୍କ ପାଖରେ ପରିଚୟ ପତ୍ର ଥାଇ ଭୋଟର ଲିଷ୍ଟରେ ନାଁ ନଥିବ, ତେବେ ନିର୍ବାଚନ କମିଶନଙ୍କ ଗାଡଇଲାଇନ ଅନୁସାରେ ଚାଲେଞ୍ଜିଂ ଭୋଟ ଦେଇପାରିବେ। ତେବେ ପୌର ନିର୍ବାଚନରେ ସେଭଳି କୌଣସି ବ୍ୟବସ୍ଥା ନ ଥିବା କହି ପ୍ରିଜାଇଡିଂ ଅଫିସର ମନା କରିଦେଇଥିବା କହିଥିଲେ। ଏନେଇ ଅତିରିକ୍ତ ଜିଲାପାଳ ମନୋଜ ପାଢୀ କହିଥିଲେ, ପୌର ନିର୍ବାଚନରେ ସେଭଳି କୌଣସି ବ୍ୟବସ୍ଥା ନାହିଁ, ଯଦି ଜଣେ ଭୋଟରଙ୍କ ଭୋଟର ଲିଷ୍ଟରେ ନାଁ ନାହିଁ ତେବେ ସେ ଭୋଟଦାନ କରିପାରିବେ ନାହିଁ।


ଖୋର୍ଦ୍ଧା ଜିଲା ଯାଁଳା ମୁଣ୍ଡମୁହାଣଠାରେ ଅନୁଷ୍ଠିତ ପଞ୍ଚଦୋଳ ମେଳଣ।

## ସରିଲା ମୁଣ୍ଡମୁହାଣ ପଞ୍ଚଦୋଳ ମେଳଣ

ଯାଁଳା,୨୪।୩(ଡି.ଏନ୍.ଏ.)

ତୃତୀୟା ତିଥିରୁ ଆରମ୍ଭ ହୋଇଥିବା ମୁଣ୍ଡମୁହାଣ ପଞ୍ଚଦୋଳ ମେଳଣ ଗୁରୁବାର ଷଷ୍ଠୀ ତିଥିରେ ହରିହର ଭେଟ ସହ ସମ୍ପନ୍ନ ହୋଇଛି। ଗତ ସୋମବାର ରାତିରେ ଜମାଣ ପର୍ବ ଆଡମ୍ବରରେ ପାଳିତ ହୋଇଥିଲା। ଗ୍ରାମର ଆରାଧ୍ୟ ଦେବତା ଥାନପତି ଗ୍ରାମେଶ୍ୱର ମହାଦେବ ଓ ଚନ୍ଦ୍ରଶେଖରଙ୍କ ଚଳନ୍ତି ପ୍ରତିମାଙ୍କୁ ଦୋଳ ବିମାନରେ ଗ୍ରାମ ପରିକ୍ରମା କରାଯାଇ ମେଳଣପଡ଼ିଆକୁ ନିଆଯାଇଥିଲା। ସେଠାରେ ଥାନପତି ଆଖପାଖ ୧୫ ଗ୍ରାମରୁ ନିମନ୍ତ୍ରିତ ହୋଇଥିବା ଅତିଥି ଚଳନ୍ତି ପ୍ରତିମାଙ୍କୁ ସ୍ୱାଗତ କରିଥିଲେ। ଦୁଇଦିନ ଧରି ମେଳଣ ପଡ଼ିଆରେ ନାମ ସଙ୍କୀର୍ତ୍ତନ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ପରିବେଷଣ ହୋଇଥିଲା। ଏହାକୁ ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ମେଳଣ ପଡିଆକୁ ଆଲୋକମାଳାରେ ସୁସଜ୍ଜିତ କରାଯିବା ସହ ହରିହର ଭେଟ ସମୟରେ ମେଳଣ ପଡ଼ିଆରେ ଆତସବାଜି ପ୍ରଦର୍ଶନ ହୋଇଥିଲା। ପରେ ଅତିଥି ଠାକୁରମାନେ ଥାନପତିଙ୍କ ଠାରୁ ମେଲାଣି ନେଇଥିଲେ।

## ସେଲ୍ଫି ପଏଣ୍ଟରେ ଫଟୋ ଉଠାଇଲେ ଭୋଟର



ଭୋଟ ଦେବା ପରେ ଭୋଟରମାନେ ସେଲ୍‌ଫି ନେଉଛନ୍ତି।

ଖୋର୍ଦ୍ଧା ଅଫିସ,୨୪।୩

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ଗୁରୁବାର ଭୋଟଗ୍ରହଣ କରାଯାଇଛି। ଚଳିତ ବର୍ଷ ପୌରାଧ୍ୟକ୍ଷ ପାଇଁ ସିଧାସଳଖ ଭାବେ ଭୋଟଗ୍ରହଣ କରାଯାଇଛି। ଜଣେ ଭୋଟର କାଉନସିଲର ଏବଂ ଅଧ୍ୟକ୍ଷ ପାଇଁ ଦୁଇଟି ଭୋଟ ଦେଇଥିଲେ। ଗୁରୁବାର ସକାଳ ୮ଟାରୁ ଭୋଟଗ୍ରହଣ ହୋଇଥିଲା। ଭୋଟରମାନେ ପରିଚୟ ପତ୍ର ଦେଖାଇ ଭୋଟ ଦେଇଥିଲେ। ପ୍ରତି ପୌର ସ୍ତରରେ ପିଙ୍କ ଏବଂ ଆଦର୍ଶ ବୁଥକେନ୍ଦ୍ର କରାଯାଇଥିଲା। ଖୋର୍ଦ୍ଧାର ଭାଲିଆବାଡି ସରକାରୀ ସ୍କୁଲରେ ପିଙ୍କ ଏବଂ ଜେମାଦେଈରେ ଆଦର୍ଶ ବୁଥକେନ୍ଦ୍ର କରାଯାଇଥିଲା। ବୁଥ୍‌କୁ ରଙ୍ଗିନ ବେଲୁନରେ ସଜାଯାଇଥିଲା। ବୁଥ୍‌ରେ ଭୋଟରଙ୍କ ଉଦ୍ଦେଶ୍ୟରେ ସହାୟତା କେନ୍ଦ୍ର ଏବଂ ସେଲ୍ଫି ପଏଣ୍ଟ କରାଯାଇଥିଲା। ଯୁବ ଭୋଟରମାନେ ଭୋଟ ଦେଇ ବାହାରିବା ବେଳେ ସେଲ୍ଫି ପଏଣ୍ଟରେ ସାଙ୍ଗସାଥୀ ହୋଇ ଫଟୋ ଉଠାଉଥିବା ଦେଖିବାକୁ ମିଳିଛି। ଏନେଇ ଅତିରିକ୍ତ ଜିଲାପାଳ ମନୋଜ ପାଢୀ କୁହନ୍ତି, ଯୁବ ଭୋଟରଙ୍କ ମଧ୍ୟରେ ଭୋଟଦାନ ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ବ୍ୟବସ୍ଥା କରାଯାଇଛି।

## ଲୁଟେରାଙ୍କୁ ଧରି ପୋଲିସ ଜିମା ଦେଲେ ଗ୍ରାମବାସୀ

### ଅଙ୍ଗନୱାଡ଼ି କର୍ମୀଙ୍କଠାରୁ ସୁନାଚେନ ଲୁଟ୍

ନିରାକାରପୁର,୨୪।୩ (ଡି.ଏନ୍.ଏ.)

ଜାତୀୟ ରାଜପଥରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଲୁଟେରାମାନେ ରାଜପଥର ବିଭିନ୍ନ ଦୋକାନରେ ବସି ଲୋକଙ୍କ ଗତିବିଧି ଉପରେ ନଜର ରଖିବା ସହ ସେମାନଙ୍କ ଠାରୁ ଲୁଟ୍ କରୁଛନ୍ତି। ଏଭଳି ଘଟଣା ଗୁରୁବାର ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଲୁଟର ଶିକାର ହୋଇଛନ୍ତି ଏହି ଥାନା ଅଧୀନ ହରିପୁରପାଟଣାର ଅଙ୍ଗନୱାଡ଼ି କର୍ମୀ ସମିତା ଜେନା। ଅଭିଯୋଗ ମୁତାବକ, ପୂର୍ବାହ୍ନ ୧୦ଟା ୩୦ରେ ସମିତା ଅଙ୍ଗନୱାଡ଼ି ଗୃହକୁ ପିଲାଙ୍କୁ ଓଜନ କରିବା ପାଇଁ ସ୍କୁଟିରେ ଯାଉଥିଲେ। ଏହି ସମୟରେ ଖଣ୍ଡୁଆଳ ମନ୍ଦିର ନିକଟରେ ସମିତାଙ୍କ ପଛପଟୁ ଜଣେ ଯୁବକ ସ୍କୁଟି (ଓଡି୦୨-ଏଜି-୩୬୨୨)ରେ ଆସି ତାଙ୍କ ବେକରୁ ସୁନାଚେନ ଝାମ୍ପିନେଇ ହରିପୁର ଗ୍ରାମ ଅଭିମୁଖେ ପଳାଇଥିଲେ।


ଧରାପଡ଼ିଥିବା ଲୁଟେରା।

ସମିତାଙ୍କ ଚିତ୍କାର ଶୁଣି ଗ୍ରାମର ବିକାଶ ଛୁଆଳସିଂ ଲୁଟେରାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ତେବେ ଲୁଟେରା ଜଣଙ୍କ ତାଙ୍କ ଉପରକୁ ଗାଡ଼ି ମଡ଼ାଇବା ପାଇଁ ଚେଷ୍ଟା କରିବା ବେଳେ ଗାଡ଼ିଟି ଓଲଟି ପଡ଼ିଥିଲା। ଫଳରେ ଲୁଟେରା ଜଣଙ୍କ ତଳେ ପଡ଼ିଯାଇଥିଲେ। ଗ୍ରାମବାସୀ ପହଞ୍ଚି ଲୁଟେରାଙ୍କୁ ମାଡ଼ ମାରିବା ସହ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଲୁଟେରା ଜଣଙ୍କୁ ଥାନାକୁ ଆଣିବା ସହ ଗୋଟିଏ ମୋବାଇଲ ଫୋନ, ୧୫ରୁ ଉର୍ଦ୍ଧ୍ୱ ଏଟିଏମ୍ କାର୍ଡ, ୨ଟି ଆଧାର କାର୍ଡ ଓ ୨ଟି ନମ୍ବର ପ୍ଲେଟ ଜବତ କରିଛି। ଲୁଟେରାଙ୍କ ଘର ଭୁବନେଶ୍ୱର ଡୁମୁଡୁମା ଓ ମାଲକାନଗିରି ଅଞ୍ଚଳର ଶିବ ଦାସ ହୋଇଥିବା ଦୁଇଟି ଆଧାରକାର୍ଡରେ ରହିଛି। ତେବେ ପୋଲିସ ଜବତ ସ୍କୁଟିକୁ ଥାନାକୁ ନ ଆଣି ଗ୍ରାମବାସୀଙ୍କୁ ଆଣିବାକୁ କହିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କିଛିଦିନ ପୂର୍ବେ ଜାତୀୟ ରାଜପଥରୁ ମୋବାଇଲ ଫୋନ ଲୁଟ ସମୟରେ ଲୁଟର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ଏହି ଲୁଟେରାଙ୍କୁ ଚିହ୍ନଟ କରିଥିବା ଜଣାପଡିଛି।

## ୨ ବିଲୁଆ ଶାବକ ଜନ୍ମ, କୁଟୁରା ମୃତ

ବାରଙ୍ଗ,୨୪।୩(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନ ୨୩ ନଂ ଏନ୍‌କ୍ଲୋଜରରେ ଥିବା ଏକ ମାଈ ବିଲୁଆ ଗୁରୁବାର ୨ଟି ଶାବକ ଜନ୍ମ ଦେଇଛି। ଏ ପ୍ରଜାତିର ବିଲୁଆ ସାଧାରଣତଃ ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଏସିଆରେ ଦେଖିବାକୁ ମିଳନ୍ତି। ଅନ୍ୟପଟେ ୩୬(ଘ)ନଂ ଏନ୍‌କ୍ଲୋଜରରେ ରହୁଥିବା ଏକ ୬ବର୍ଷ କୁଟୁରାର ମୃତ୍ୟୁ ଘଟିଛି। ଏ ପ୍ରଜାତିର କୁଟୁରା ସାଧାରଣତଃ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ ବସବାସ କରନ୍ତି। ଦୀର୍ଘଦିନ ହେବ କେତେକ କୁଟୁରା ଏକାଠି ରହୁଥିବାରୁ ନିଜ ନିଜ ମଧ୍ୟରେ ସଂଘର୍ଷ ଯୋଗୁ ଉକ୍ତ କୁଟୁରାର ମୃତ୍ୟୁ ହୋଇଥିବା ନନ୍ଦନକାନନ ପକ୍ଷରୁ ସୂଚନା ମିଳିଛି।

## ଏଜେଣ୍ଟଙ୍କ ଅନୁପସ୍ଥିତିରେ ଷ୍ଟ୍ରଙ୍ଗରୁମ୍ ସିଲ୍ ନେଇ ଉତ୍ତେଜନା


ବିଜେବି ହାଇସ୍କୁଲ ଆଗରେ ଭାଜପା ପ୍ରାର୍ଥୀ ଓ କର୍ମୀମାନେ ଧାରଣା ଦେଇଛନ୍ତି।

ଖୋର୍ଦ୍ଧା ଅଫିସ,୨୪।୩

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ଗୁରୁବାର ୪୪ଟି ବୁଥରେ ଭୋଟ ଗ୍ରହଣ କରାଯାଇଛି। ପରେ ସମସ୍ତ ଇଭିଏମ୍‌କୁ ବିଜେବି ହାଇସ୍କୁଲ ସ୍ଥିତ ଷ୍ଟ୍ରଙ୍ଗ୍‌ରୁମ୍ ରଖାଯାଇ ସିଲ୍ କରାଯାଇଥିଲା। ତେବେ ଏଜେଣ୍ଟଙ୍କ ଅନୁପସ୍ଥିତିରେ ଷ୍ଟ୍ରଙ୍ଗ୍‌ରୁମ୍ ସିଲ୍ କରାଯାଇଥିବା ଏବଂ ସିସିଟିଭି ଫୁଟେଜ ଅଚଳ ନେଇ ଉତ୍ତେଜନା ପ୍ରକାଶ ପାଇବା ସହ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ଓ କର୍ମୀମାନେ ବିଜେବି ହାଇସ୍କୁଲ ଆଗରେ ଧାରଣା ଦେଇଥିଲେ। ଖବରପାଇ ଉପଜିଲାପାଳ ଆଇ.ଗୌରବ ଶିବାଜୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ପୁଣି ଥରେ ଷ୍ଟ୍ରଙ୍ଗରୁମ ଆଗରେ ଭାଜପା ପୌରାଧ୍ୟକ୍ଷ ପ୍ରାର୍ଥୀ, ଉପଜିଲାପାଳ ଏବଂ ଷ୍ଟ୍ରଙ୍ଗରୁମ ଇନଚାର୍ଜଙ୍କ ଉପସ୍ଥିତିରେ ଦସ୍ତଖତ ଥାଇ ଏକ ନୋଟିସ୍ ଲଗାଯିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଘଟଣା ସମ୍ପର୍କରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଜିଲାପାଳଙ୍କ ସହ ଆଲୋଚନା କରିଥିଲେ। ଏହି ଧାରଣାସ୍ଥଳରେ ଭାଜପା ପୌରାଧ୍ୟକ୍ଷ ପ୍ରାର୍ଥୀ କୁନିଲତା ସ୍ୱାଇଁ, ଅନ୍ୟ କାଉନସିଲର ପ୍ରାର୍ଥୀ, ଭାଜପା ନେତା ନିକୁଞ୍ଜ ପଟ୍ଟନାୟକ, କାଳୁଚରଣ ଖଣ୍ଡାୟତରାୟ, ଶୋଭନ ଘୋଷଙ୍କ ସମେତଏକାଧିକକର୍ମୀଉପସ୍ଥିତଥିଲେ।

## ଭିତ୍ତିପ୍ରସ୍ତର ସ୍ଥାପନ କଲେ ସରପଞ୍ଚ


ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ ଓ ଅନ୍ୟମାନେ।

ବୋଲଗଡ଼,୨୪।୩ (ଡି.ଏନ୍.ଏ.)

ଜନସାଧାରଣଙ୍କ ଗମନାଗମନ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ରାସ୍ତା ନିର୍ମାଣ କରାଯାଉଛି। ତେବେ ଦୀର୍ଘଦିନରୁ ଦାବି ହୋଇ ଆସୁଥିବା ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଗୁଡୁପାଙ୍ଗି ମୌଜାରୁ ବେଗୁନିଆ ବ୍ଲକ କୋଲୁହାପାଟଣା ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଗୁରୁବାର ଗେଡ଼ିଆପଲ୍ଲୀ ପଞ୍ଚାୟତର ନୂତନ ସରପଞ୍ଚ କବିତା ମଞ୍ଜରୀ ତ୍ରିପାଠୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୮ଲକ୍ଷ ଟଙ୍କା ବିନିମୟରେ ଏହି ରାସ୍ତା ନିର୍ମାଣ କରାଯିବ। ଏହି ରାସ୍ତା ନିର୍ମାଣ ହେଲେ ଗେଡ଼ିଆପଲ୍ଲୀ ପଞ୍ଚାୟତବାସୀ ଉପକୃତ ହେବେ। ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ସମେତ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ, ନାଏବ ସରପଞ୍ଚ ଲକ୍ଷ୍ମୀଧର ସ୍ୱାଇଁ, ୱାର୍ଡମେମ୍ବର ରାଘବ ନାୟକ, ଧରଣୀଧର ମହାପାତ୍ର ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ।

## ସରିଲା ନିର୍ବାଚନ, ବଢ଼ିଲା ଉତ୍କଣ୍ଠା

### ଖୋର୍ଦ୍ଧା ପୌର ଅଧ୍ୟକ୍ଷ ଆସନ

ଖୋର୍ଦ୍ଧା ଅଫିସ,୨୪।୩

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ଗୁରୁବାର ଭୋଟଗ୍ରହଣ ସରିଛି। ଚଳିତ ବର୍ଷ ପୌର ଅଧ୍ୟକ୍ଷ ପାଇଁ ସିଧାସଳଖ ଭୋଟ ଗ୍ରହଣ କରାଯାଇଛି। ଭୋଟରମାନେ ନିଜ ପସନ୍ଦର କାଉନସିଲର ଏବଂ ପୌରାଧ୍ୟକ୍ଷା ପ୍ରାର୍ଥୀଙ୍କୁ ବାଛିଛନ୍ତି। ବିଜେଡି ପୌରାଧ୍ୟକ୍ଷା ପ୍ରାର୍ଥୀ କନକଲକ୍ଷ୍ମୀ ମହାନ୍ତି, ଭାଜପାର କୁନିଲତା ସ୍ୱାଇଁ ଏବଂ କଂଗ୍ରେସର ବିନୋଦିନୀ ମହାପାତ୍ରଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଭୋଟ ଗ୍ରହଣ ସରିବା ପରେ କାହା ହାତକୁ ଯିବ ପୌର ଅଧ୍ୟକ୍ଷ, ତାହାକୁ ନେଇ ସବୁଠି ରହିଛି ଉତ୍କଣ୍ଠା। ବିଜେଡି ଏବଂ ଭାଜପା ପ୍ରାର୍ଥୀ ମଧ୍ୟରେ କଡା ଟକ୍କର ହୋଇଛି। ପୌର ନିର୍ବାଚନରେ ବିଜେଡି ବହୁମତ ସହ ପ୍ରାର୍ଥୀ ବିଜୟ ହେବା ସହ ପୌର ଅଧ୍ୟକ୍ଷ ଦଖଲ କରିବ ବୋଲି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି। ଅନ୍ୟପଟେ ଭାଜପା ଜିଲା ସଭାପତି ରଶ୍ମି ମହାପାତ୍ର କୁହନ୍ତି,ଭାଜପା ପ୍ରାର୍ଥୀଙ୍କ ପ୍ରତି ଲୋକଙ୍କ ଆସ୍ଥା ରହିଛି। ଚଳିତ ପୌର ଅଧ୍ୟକ୍ଷ ଭାଜପା ଦଖଲ କରିବ ବୋଲି ମଧ୍ୟ ସେ କହିଛନ୍ତି।

ବିଜେଡିର ପୌର ଅଧ୍ୟକ୍ଷା ପ୍ରାର୍ଥୀଙ୍କୁ ନେଇ ପୂର୍ବରୁ ଦଳରେ ଅସନ୍ତୋଷ ରହିଥିବା ବେଳେ ପରବର୍ତ୍ତି ସମୟରେ ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଜଣାଇ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଏପରିକି ପ୍ରଚାରର ଶେଷ ପର୍ଯ୍ୟାୟରେ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଏବଂ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଗୋଟିଏ ମଞ୍ଚରେ ଏକାଠି ହୋଇ ପ୍ରଚାର କରିଥିଲେ। ଅନ୍ୟପଟେ ଭାଜପା ପ୍ରାର୍ଥୀ କୁନିଲତା ଜଣେ ନାରୀନେତ୍ରୀ। ପୂର୍ବରୁ ସେ ୩ଥର କାଉନସିଲର ଏବଂ ଉପାଧ୍ୟକ୍ଷ ମଧ୍ୟ ହୋଇଥିଲେ। କୁନିଲତା ଜନତାଙ୍କ ପ୍ରଥମ ପସନ୍ଦ ରହିଛନ୍ତି। ତେଣୁ ଭାଜପା ପୌର ଅଧ୍ୟକ୍ଷ ହାତେଇବା ନେଇ ଚର୍ଚ୍ଚା ହେଉଛି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛତା ଆଗରେ ବିରୋଧୀଙ୍କ କୌଣସି ରଣନୀତି କାମ କରିବ ନାହିଁ। ଖୋର୍ଦ୍ଧା ପୌର ପରିଷଦ ପୁଣି ଥରେ ବିଜେଡି ବହୁମତରେ ଦଖଲ କରିବ ବୋଲି ବିଧାୟକ ସାହୁ କହିଛନ୍ତି।

**ମହିମା ଆଶ୍ରମରେ ଅଖଣ୍ଡବତି ପ୍ରଜ୍ୱଳନ**

ଖୁଣ୍ଟୁଣୀ,(ଡି.ଏନ.ଏ): ଖୁଣ୍ଟୁଣୀ ଉପରସାହି ଅଲେଖ ମହିମା ଆଶ୍ରମରେ ୪ର୍ଥ ବାର୍ଷିକ ଅଖଣ୍ଡବତୀ ପ୍ରଜ୍ୱଳନ ଓ ବ୍ରହ୍ମଧ୍ୱନି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବାସୀଙ୍କ ମଙ୍ଗଳକାମନା ଓ କରୋନା ମହାମାରୀ ଲୋପ ପାଇବା ଉଦ୍ଦେଶ୍ୟରେ ସାଧୁ ଗଦାଧର ଦାସ ଓ ବ୍ରହ୍ମ ଅବଧୂତ ଗୁରୁଚରଣ ବାବା ଅଖଣ୍ଡବତୀ ପ୍ରଜ୍ୱଳନ ସହ ବ୍ରହ୍ମଧ୍ୱନି ସ୍ଥାପନ କରିଥିଲେ। ଏହି ଅବସରରେ ଭଜନ ପରିବେଷିତ ହୋଇଥିଲା। ଗ୍ରାମର ରବିନାରାୟଣ ସାହୁଙ୍କ ଯୁବକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମା'ମଙ୍ଗଳାଙ୍କ ବାର୍ଷିକ ଉତ୍ସବ

ବାଙ୍କୀ,୨୪।୩(ସ୍ୱ.ପ୍ର.): ବାଙ୍କୀ ଉପଖଣ୍ଡ ଡମପଡା ବ୍ଲକ ଅନ୍ତର୍ଗତ ବିଲିପଡା ପଞ୍ଚାୟତର ବିଲିମନ୍ତ୍ରୀ ସାହିରେ ଗ୍ରାମର ଆରାଧ୍ୟ ଦେବୀ ମା'ମଙ୍ଗଳାଙ୍କ ପୀଠରେ ଗୁରୁବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପୀଠରେ ସଂକୀର୍ତ୍ତନ ମେଳା ଓ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଏଥିରେ କଟକ, ପୁରୀ ଓ ନୟାଗଡର ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଗ୍ରାମ୍ୟ କମିଟି ସଭାପତି ରଘୁନାଥ ମନ୍ତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ପର୍ବତେଶ୍ୱର ସାହିତ୍ୟ ଓ ସଂସ୍କୃତି ସଂସଦର ସମ୍ପାଦକ କବିରତ୍ନ ବିଦ୍ୟାଧର ଖଟୁଆ ଯୋଗଦେଇଥିଲେ। ସଭାରେ ତାଳବସ୍ତର ଏକାଦଶୀ ବାରିକ, ପାରିଓର ପ୍ରହ୍ଲାଦ ସାହୁ, ଗମ୍ଭାରୀ ଖୋଲର ରଞ୍ଜିତା ପରିଡା, ଯୋରକୂଳର ପ୍ରହ୍ଲାଦ ସାହୁ, ମନ୍ତ୍ରୀ ସାହିର ରୋହିତ ମନ୍ତ୍ରୀ ଏବଂ ସର୍ବେଶ୍ୱର ମନ୍ତ୍ରୀ, ବରଗାଁର ପୁରୁଷୋତ୍ତମ ରାଉତ, ବରପଦନପୁରର ସୁଜନ ପ୍ରଧାନ, ବିଲିମନ୍ତ୍ରୀର ରତ୍ନାକର ମନ୍ତ୍ରୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ୨ ବିଲୁଆ ଶାବକ ଜନ୍ମ, କୁଟୁରା ମୃତ

ବାରଙ୍ଗ,୨୪।୩(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନ ୨୩ନଂ. ଏନ୍‌କ୍ଲୋଜରରେ ଥିବା ଏକ ମାଈ ବିଲୁଆ ଗୁରୁବାର ୨ଟି ଶାବକ ଜନ୍ମ ଦେଇଛି। ଏ ପ୍ରଜାତିର ବିଲୁଆ ସାଧାରଣତଃ ଦକ୍ଷିଣ ଓ ଦକ୍ଷିଣ-ପଶ୍ଚିମ ଏସିଆରେ ଦେଖିବାକୁ ମିଳନ୍ତି। ଅନ୍ୟପଟେ ୩୬(ଘ)ନଂ ଏନ୍‌କ୍ଲୋଜରରେ ରହୁଥିବା ଏକ ୬ବର୍ଷ କୁଟୁରାର ମୃତ୍ୟୁ ଘଟିଛି। ଏ ପ୍ରଜାତିର କୁଟୁରା ସାଧାରଣତଃ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆରେ ବସବାସ କରନ୍ତି। ଦୀର୍ଘଦିନ ହେବ କେତେକ କୁଟୁରା ଏକାଠି ରହୁଥିବାରୁ ନିଜ ନିଜ ମଧ୍ୟରେ ସଂଘର୍ଷ ଯୋଗୁ ଉକ୍ତ କୁଟୁରାର ମୃତ୍ୟୁ ହୋଇଥିବା ନନ୍ଦନକାନନ ପକ୍ଷରୁ ସୂଚନା ମିଳିଛି।

### ନେତାଜୀ ସ୍ମାରକୀ ବକ୍ତୃତାମାଳା

କଟକ ଅଫିସ,୨୪।୩: କଟକସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜରେ ଦ୍ୱିତୀୟ ନେତାଜୀ ସ୍ମାରକୀ ବକ୍ତୃତାମାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ 'ଭାରତର ସ୍ୱାଧୀନତା ପାଇଁ ନେତାଜୀଙ୍କ ବିକଳ୍ପ ଦୃଷ୍ଟିଭଙ୍ଗୀ: ଭାରତୀୟ ଜାତୀୟ କଂଗ୍ରେସରୁ ଆଜାଦ ହିନ୍ଦ ଫୌଜ ପର୍ଯ୍ୟନ୍ତ ତାଙ୍କ ଯାତ୍ରାର ପୁନଃ ମୂଲ୍ୟାୟନ' ଶୀର୍ଷକ ବିଷୟ ଉପରେ କହିଥିଲେ। କଲେଜ ଅଧକ୍ଷ ଡ. ସରୋଜ ଦେଓଭଞ୍ଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସମ୍ମାନିତ ବକ୍ତା ଭାବେ କଲେଜର ପୂର୍ବତନ ଅଧକ୍ଷ ଡ. ଦେବାଶିଷ ଜେନା ଯୋଗଦେଇ ଭାରତ ସ୍ୱାଧୀନତା ପାଇଁ ନେତାଜୀ ଓ ଗାନ୍ଧିଜୀଙ୍କ ଦୃଷ୍ଟିଭଙ୍ଗୀ ଉପରେ ମତ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ଆଦ୍ୟାଶା' ଉନ୍ମୋଚିତ ହୋଇଥିଲା। ପ୍ରାଧାପକ ଡ. ଧରଣୀଧର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧାପିକା ଆରତୀ ଦାସ, ଡ. ରେଖା ପଣ୍ଡା, ଅବନୀ ରଞ୍ଜନ ପତି, ଶାନ୍ତନୁ ପଣ୍ଡା, ଦୀପକ ରଞ୍ଜନ ଓଝା, ମୁକେଶ ନାୟକ ଓ ସୁନିଲ୍ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ଡ. ଅରୁଣ କୁମାର ଦାଶ ଧନ୍ୟବାଦ ଦେଇଥିଲେ।



କଟକ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ମତଦାନ ପାଇଁ ମହିଳାମାନେ ଅପେକ୍ଷା କରିଛନ୍ତି।



ବିଡାନାସୀ ହାଇସ୍କୁଲ ଭୋଟଗ୍ରହଣ କେନ୍ଦ୍ରରେ ଜଣେ ମହିଳା ମତଦାନ କରୁଛନ୍ତି।



ବାଙ୍କୀର ଏକ ମତଦାନ କେନ୍ଦ୍ରରେ ଭୋଟରମାନେ ଭୋଟ ଦେବାକୁ ଅପେକ୍ଷା କରିଛନ୍ତି।

# କଟକରେ ୫୪.୭୪% ମତଦାନ

କଟକ ଅଫିସ,୨୪।୩

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୫୯ଟି ୱାର୍ଡରେ ଗୁରୁବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କାଁ ଭାଁ ପାଟିତୁଣ୍ଡକୁ ବାଦ୍ ଦେଲେ ସକାଳ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ମତଦାନ ହୋଇଥିଲା। ମୋଟ୍ ୨୭୨ ପ୍ରାର୍ଥୀ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ୫୪.୭୪ ପ୍ରତିଶତ ମତଦାନ ହୋଇଥିବା ସିଏମ୍‌ସି ନିର୍ବାଚନ ଅଧିକାରୀ ଅମିୟ ପଣ୍ଡା କହିଛନ୍ତି। ସିଏମ୍‌ସି ଅଞ୍ଚଳରେ ମୋଟ୍ ଭୋଟରଙ୍କ ସଂଖ୍ୟା ୪ ଲକ୍ଷ ୫୦ ହଜାର ୭୬୯। ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୪୬ ହଜାର ୭୬୭ ଜଣ ଭୋଟର ୪୪୯ ବୁଥ୍‌ରେ ମତଦାନ କରିଛନ୍ତି। ପ୍ରତି ବୁଥ୍‌ରେ କର୍ପୋରେଟର ଓ ମେୟରଙ୍କ ପାଇଁ ୨ଟି ଇଭିଏମ୍ ରଖାଯାଇଥିଲା। ଚଳିତବର୍ଷ ପ୍ରଥମ ଥର ମେୟର ପଦବୀ ପାଇଁ ଜନସାଧାରଣ ସିଧାସଳଖ ଭୋଟ ଦେବାର ସୁଯୋଗ ପାଇଥିଲେ। ବିଶେଷକରି ପ୍ରଥମ ଥର ଭୋଟ ଦେଉଥିବା ଯୁବତୀଯୁବକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଆସନ୍ତା ୨୬ରେ ଯୋବ୍ରାସ୍ଥିତ ଭୁବନାନନ୍ଦ ସ୍କୁଲ ଅଫ ଇଞ୍ଜିନିୟରିଂ(ବୋଷ୍) କ୍ୟାମ୍ପସରେ ଭୋଟ ଗଣତି ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

**ସୂତାହାଟ ଉ.ପ୍ରା. ବିଦ୍ୟାଳୟ ବାହାରେ ଉତ୍ତେଜନା**

ସିଏମ୍‌ସି ୧୮ ନଂ ୱାର୍ଡର ସୂତାହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାହାରେ ଦୁଇ ଗୋଷ୍ଠୀ ଭୋଟରଙ୍କ ମଧ୍ୟରେ ବଚସାକୁ ନେଇ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ଭୋଟ ଦେବା ପାଇଁ ଉକ୍ତ ବିଦ୍ୟାଳୟ ବାହାରେ ଅପରାହ୍ନ ପ୍ରାୟ ୩ଟା ୪୫ ମିନିଟ୍‌ରେ କେତେଜଣ ଭୋଟର ଲାଇନ୍‌ରେ ଛିଡା ହୋଇଥିଲେ। ହେଲେ ଡେରି ହେଉଥିବାରୁ ସେମାନେ ବୁଥ୍ ମଧ୍ୟରେ ଥିବା କର୍ମଚାରୀଙ୍କୁ ଶୀଘ୍ର କାମ କରିବା ପାଇଁ କହିଥିଲେ। ସେଠାରେ ପୂର୍ବରୁ ରହିଥିବା ଏକ ନିର୍ଦ୍ଦିଷ୍ଟ ଦଳର କେତେଜଣ ବ୍ୟକ୍ତି ସେମାନଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ହଟାଇବା ସହ ମତଦାନ ପ୍ରକ୍ରିୟା ସ୍ୱାଭାବିକ କରିଥିଲା।

**ପିଙ୍କ୍ ବୁଥ୍‌ରେ ଭୋଟ ଦେଲେ, ସେଲ୍ଫି ଉଠାଇଲେ**

ଚଳିତ ପୌର ନିର୍ବାଚନରେ ଭୋଟର ପାଇଁ ପ୍ରଶାସନ ପକ୍ଷରୁ ୫ଟି ମଡେଲ ବୁଥ୍ ଓ ମହିଳାଙ୍କ ପାଇଁ ୬ଟି ପିଙ୍କ୍ ବୁଥ୍ କରାଯାଇଥିଲା। ମଡେଲ ଓ ପିଙ୍କ୍ ବୁଥ୍ ସମ୍ମୁଖକୁ ବେଲୁନରେ ସଜାଯିବା ସହିତ ଚଟାଣରେ ନାଲି କାର୍ପେଟ୍ ବିଛାଯାଇଥିଲା। ଚଳିତବର୍ଷ ପ୍ରଥମଥର ମହିଳାଙ୍କ ନିମନ୍ତେ ହୋଇଥିବା ପିଙ୍କ୍ ବୁଥ୍‌ରେ ମହିଳା ପ୍ରିଜାଇଡିଂ ଅଧିକାରୀ ଓ ପୋଲିଂ ଅଧିକାରୀ ନିୟୋଜିତ ହୋଇଥିଲେ। ବୁଥ୍‌ଗୁଡିକରେ ମୁଖ୍ୟ ଆକର୍ଷଣ ଥିଲା ସେଲ୍ଫି ପଏଣ୍ଟ। ଭୋଟ ଦେବା ପରେ ଭୋଟରମାନେ ସେଲ୍ଫି ପଏଣ୍ଟରେ ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ।

**ଭୋଟ ଦେଲେ ପ୍ରାର୍ଥୀ, ବିଧାୟକ, ନେତା, କମିଶନର**

କଟକ ମହାନଗର ନିଗମ(ସିଏମ୍‌ସି)ର ୫୯ଟି ୱାର୍ଡରେ କର୍ପୋରେଟର ଓ ମେୟର ପାଇଁ ଗୁରୁବାର ନିର୍ବାଚନ ହୋଇଥିଲା। ବିଜେଡି ମେୟର ପ୍ରାର୍ଥୀ ସୁବାସ ସିଂ ଲାଲବାଗ ହାଇସ୍କୁଲର ୮୪ ନମ୍ବର ବୁଥ୍‌ରେ ମତଦାନ କରିଥିଲେ। ସେହିପରି କଂଗ୍ରେସ ମେୟର ପ୍ରାର୍ଥୀ ଗିରିବାଳା ବେହେରା ସିଡିଏ ସେକ୍ଟର-୬ସ୍ଥିତ ଡିଏଭି ସ୍କୁଲର ୩୧ନଂ. ବୁଥ୍, ଭାଜପା ମେୟର ପ୍ରାର୍ଥୀ ଶ୍ରୀତମ ଦାସ ମାନସିଂହ ପାଟଣା ହାଇସ୍କୁଲର ୬୨ନଂ. ବୁଥ୍‌ରେ ଭୋଟ ଦେଇଥିଲେ। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ ଉର୍ଦ୍ଦୁ ଟ୍ରେନିଂ ସ୍କୁଲର ୯୧ନଂ. ବୁଥ୍ ଓ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ରାଜାବଗିଚା ହାଇସ୍କୁଲର ୨୨୨ନଂ. ବୁଥ୍‌ରେ ମତଦାନ କରିଛନ୍ତି। ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଭାଜପା ନେତା ନୟନ ମହାନ୍ତି ମହାନଦୀ ବିହାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୪୮ନଂ. ବୁଥ୍‌ରେ ଓ ସିଏମ୍‌ସି କମିଶନର ଅନନ୍ୟା ଦାସ ବାରବାଟି ଦୁର୍ଗ ମଧ୍ୟରେ ଥିବା ୧୬ନଂ. ୱାର୍ଡର ୧୧୨ ନମ୍ବର ପିଙ୍କ୍ ବୁଥ୍‌ରେ ମତଦାନ କରିଛନ୍ତି।

**ଭୋଟ ପରେ ଏକାଠି ଫଟୋ ଉଠାଇଲେ ୫ ପ୍ରାର୍ଥିନୀ**

କଟକ ଅଫିସ,୨୪।୩ – ଭାଇଚାରାର ସହର କଟକରେ ନିର୍ବାଚନ ସରିଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪ନଂ. ୱାର୍ଡର ୫ କର୍ପୋରେଟର ପ୍ରାର୍ଥିନୀ ଏକାଠି ଫଟୋ ଉଠାଇଥିଲେ। ବିଜେଡିର ପ୍ରିୟମ୍ବଦା ମହାନ୍ତି, କଂଗ୍ରେସର ନିରୁପମା ମହାନ୍ତି, ଭାଜପାର ସୁମିତ୍ରା ସାମଲ, ସ୍ୱାଧୀନ ପ୍ରାର୍ଥୀ ରୀତା ସ୍ୱାଇଁ ଓ ସ୍ମୃତିପ୍ରଜ୍ଞା ଭଞ୍ଜ ଏକାଠି ଫଟୋ ଉଠାଇଥିବା ସ୍ଥାନୀୟ ଲୋକମାନେ ଦେଖିବାକୁ ପାଇଥିଲେ।

**ମୃତ ବ୍ୟକ୍ତିଙ୍କ ନାଁରେ ଭୋଟ ଦେବାକୁ ଆସିଥିଲେ**

ସିଡିଏ ସେକ୍ଟର-୯ ସ୍ଥିତ ୪ନଂ. ୱାର୍ଡର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ମୃତ ବ୍ୟକ୍ତିଙ୍କ ନାଁରେ ଭୋଟ ଦେବାକୁ ୪ ଜଣ ଆସିଥିଲେ। ସେଠାରେ ଥିବା ଦଳୀୟ ଏଜେଣ୍ଟ ମଧ୍ୟ ସେମାନଙ୍କୁ ଠିକ୍ ଭୋଟର ଭାବେ ଚିହ୍ନଟ କରିଥିଲେ। ପରେ ସେମାନେ ଭୋଟ ଦେବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ସେମାନଙ୍କୁ ଚିହ୍ନି ପାରିଥିଲେ। ଏହାକୁ ନେଇ ସେଠାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏହାପରେ ଭୋଟ ଗ୍ରହଣ ସ୍ୱାଭାବିକ ହୋଇଥିଲା।

## ବାଙ୍କୀ ଏନ୍‌ଏସିରେ ଶାନ୍ତିପୂର୍ଣ୍ଣ, ଆଠଗଡ଼ରେ କାଁ ଭାଁ ଉତ୍ତେଜନା

ବାଙ୍କୀ/ଆଠଗଡ଼,୨୪।୩(ସ୍ୱ.ପ୍ର.)

ବାଙ୍କୀ ଏନ୍‌ଏସିର ୧୭ଟି ୱାର୍ଡର ୧୮ଟି ବୁଥ୍‌ରେ ଗୁରୁବାର ୭୮.୫ପ୍ରତିଶତ ମତଦାନ ହୋଇଛି। ଏଠାରେ ସମୁଦାୟ ୧୪,୦୭୫ ମତଦାତାଙ୍କ ମଧ୍ୟରୁ ୧୦,୯୮୬ଜଣ ଭୋଟ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ୫୨୭୩ ମହିଳା, ୫୭୧୩ ଜଣ ପୁରୁଷ ରହିଛନ୍ତି। ଏହି ପୌରାଞ୍ଚଳରେ ମତଦାନ ଶାନ୍ତିପୂର୍ଣ୍ଣ ରହିଥିଲା। କଟକ ଗ୍ରାମାଞ୍ଚଳ ଏସ୍‌ପି ଯୁଗଳ କିଶୋର ବିନିଥ ସବୁ ୱାର୍ଡ ପରିଦର୍ଶନ କରି ଆଇନଶୃଙ୍ଖଳା ପରିସ୍ଥିତି ଯାଞ୍ଚ କରିଥିଲେ। ଉପଜିଲାପାଳ ରଞ୍ଜନ କୁମାର ଜେନା, ବାଙ୍କୀ ତହସିଲଦାର ତଥା ଏନ୍‌ଏସି ନିର୍ବାଚନ ଅଧିକାରୀ ସତ୍ୟନାରାୟଣ ପଣ୍ଡା ନିର୍ବାଚନର ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ। ଭୋଟ ଗ୍ରହଣ ଶେଷ ହେବା ପରେ ଇଭିଏମ୍ ଗୁଡ଼ିକୁ ଚର୍ଚ୍ଚିକା ୟୁଜିଏମ୍‌ଇ ସ୍କୁଲସ୍ଥିତ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି।

ସେହିପରି ଆଠଗଡ଼ ଏନ୍‌ଏସିରେ ୭୭.୪୩ ପ୍ରତିଶତ ମତଦାନ ହୋଇଛି। ଏଠାରେ ମୋଟ ୧୩,୯୩୭ ଭୋଟର ଥିବାବେଳେ ୧୦,୭୯୨ ଜଣ ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ୫୧୮୨ ମହିଳା ଓ ୫୬୧୦ ଜଣ ପୁରୁଷ ରହିଛନ୍ତି। ୧୨ ନମ୍ବର ୱାର୍ଡରେ ସର୍ବାଧିକ ୮୯.୪୪ ପ୍ରତିଶତ ଓ ୧୭ ନମ୍ବର ୱାର୍ଡରେ ସର୍ବନିମ୍ନ ୫୭.୫୯% ମତଦାନ ହୋଇଛି। ଏହି ପୌରାଞ୍ଚଳର କିଛି କେନ୍ଦ୍ରରେ ଭୋଟ ଗ୍ରହଣ ସମୟରେ କାଁ ଭାଁ ବଚସାକୁ ଛାଡିଦେଲେ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ ଶେଷ ହୋଇଛି। ଇଭିଏମ୍‌ରେ ତ୍ରୁଟି ଯୋଗୁ ୩ ନଂ. ୱାର୍ଡରେ ୪୫ ମିନଟ ବିଳମ୍ବରେ ଭୋଟ ଗ୍ରହଣ ହୋଇଥିଲା। ସେହିପରି ୯ ନମ୍ବର ୱାର୍ଡରେ ସାମୟିକ ତ୍ରୁଟି ଦେଖା ଦେଇଥିଲା। ଜଣେ ଜିଲା ପରିଷଦ ସଭ୍ୟା ନିଜକୁ ପର୍ଯ୍ୟବେକ୍ଷକ ବୋଲି ପରିଚୟ ଦେଇ ୩ ନମ୍ବର ୱାର୍ଡରେ ପଶୁଥିବା ବେଳେ କଂଗ୍ରେସ କାଉନସିଲର ପ୍ରାର୍ଥୀ ମନୋରଞ୍ଜନ ପଟ୍ଟନାୟକ ପ୍ରତିବାଦ କରିଥିଲେ। ଏନେଇ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ସହ ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଘଟଣାର ସମାଧାନ ହୋଇଥିଲା। ନିର୍ବାଚନକୁ ସୁଚାରୁ ରୂପେ ତୁଲାଇବା ପାଇଁ ୪ ମାଜିଷ୍ଟ୍ରେଟ ୩ ଜଣ ଲେଖାଏ ଡିଏସ୍‌ପି, ଇନ୍ସପେକ୍ଟରଙ୍କ ସମେତ ପୋଲିସ କର୍ମଚାରୀ ଓ ୪ ମୋବାଇଲ ସ୍କ୍ୱାଡ୍ ନିୟୋଜିତ କରାଯାଇଥିଲା।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଷୀ ମୃତ

ନିଶ୍ଚିନ୍ତକୋଇଲି,୨୪।୩(ସ୍ୱ.ପ୍ର.)

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ଗ୍ରାମର ଚାଷୀ ଅଞ୍ଜନ କୁମାର କୁଅଁର (୫୦)ଙ୍କ ମୃତ୍ୟୁ ଘଟିଛି। ସେ ଗୁରୁବାର ସକାଳେ ଭେଣ୍ଡି କିଆରିରେ ମୋଟର ସାହାଯ୍ୟରେ ପାଣି ମଡ଼ାଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ୨୬ରେ ଅନ୍ତର୍ଜାତୀୟ ଓଡ଼ିଶା ପର୍ବ

ଭୁବନେଶ୍ୱର,୨୪।୩(ବ୍ୟୁରୋ)

ଓଡ଼ିଶାର ଅନନ୍ୟ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପରିବ୍ୟାପ୍ତ କରିବାକୁ ଦ୍ୱିତୀୟଥର ପାଇଁ ଅନ୍ତର୍ଜାତୀୟ ଓଡ଼ିଶା ପର୍ବ-୨୦୨୨ ଆୟୋଜିତ ହେବାକୁ ଯାଉଛି । କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ଆସନ୍ତା ୨୬ ଓ ୨୭ ତାରିଖରେ ଭର୍ଚୁଆଲରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଓଡ଼ିଆ ସମାଜ, ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ଏହି ଦୁଇଦିନିଆ ସାଂସ୍କୃତିକ ଉତ୍ସବରେ ଓଡ଼ିଶାର ଅନନ୍ୟ କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ପ୍ରଦର୍ଶିତ ହେବ। ୨୬ ତାରିଖ ସନ୍ଧ୍ୟା ୬ଟା ୩୦ରେ ନୂଆଦିଲ୍ଲୀସ୍ଥିତ କମାନୀ ଅଡିଟୋରିୟମରେ ଆୟୋଜିତ ଉତ୍ସବକୁ ମୁଖ୍ୟ ଅତିଥି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିବେ। ଏଥିରେ ଔପନ୍ୟାସିକା ପଦ୍ମବିଭୂଷଣ ପ୍ରତିଭା ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଭାରତ ସମେତ ଆମେରିକା, କାନାଡା, ଅଷ୍ଟ୍ରେଲିଆ, ତାଞ୍ଜାନିଆ, ରୁଷିଆ, ୟୁଏଇ ଭଳି ରାଷ୍ଟ୍ରଗୁଡ଼ିକର ଲୋକଙ୍କ ନିକଟରେ ଏହା ପହଞ୍ଚିବ। ପଦ୍ମଶ୍ରୀ ପୁରସ୍କାର ବିଜେତା ଶାସ୍ତ୍ରୀୟ ସଙ୍ଗୀତ ଗାୟିକା ଶ୍ୟାମାମଣି ଦେବୀ, ଜୀବବିଜ୍ଞାନୀ ଆଦିତ୍ୟ ପ୍ରସାଦ ଦାସ, ପାରା ଅଲିମ୍ପିକ୍‌ରେ ସ୍ୱର୍ଣ୍ଣପଦକ ବିଜେତା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ, ଶ୍ରୀମଦ୍ ବାବା ବଳିଆ ଓ ନରସିଂହ ପ୍ରସାଦ ଗୁରୁ ନିଜର ଅନୁଭୂତି ଏହି ଭର୍ଚୁଆଲ ପ୍ଲାଟଫର୍ମରେ ଉପସ୍ଥାପନ କରିବେ । ଉଦ୍ୟୋଗୀ ସୁକୀର୍ତ୍ତି ପଟ୍ଟନାୟକ, ନୃତ୍ୟଶିଳ୍ପୀ ଅରୁନ୍ଧତୀ ଗଡ଼ନାୟକ ଏବଂ ବାଇକ୍ ମୋଡିଫାଏର ଗଙ୍ଗା ପଟ୍ଟନାୟକ ଆଦି ଯୁବ ପ୍ରତିଭାଙ୍କର ସଫଳତାର କାହାଣୀ ଯୁବପିଢିଙ୍କୁ ପ୍ରେରଣା ଦେବ। www. odishaparba.live ମାଧ୍ୟମରେ ଯୋଗଦେଇ ଏହାକୁ ଦେଖିପାରିବେ।



ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ପକ୍ଷରୁ ଅନୁଷ୍ଠିତ ଫଟୋଚିତ୍ର ପ୍ରଦର୍ଶନୀକୁ ଅତିଥିମାନେ ବୁଲି ଦେଖୁଛନ୍ତି।

## 'ଯକ୍ଷ୍ମା ନିରାକରଣ ଲାଗି ସମ୍ମିଳିତ ସହଯୋଗ ଜରୁରୀ'

କଟକ ଅଫିସ, ୨୪।୩

**ଡ୍ରିମ୍‌ସ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ**

ଡ୍ରିମ୍‌ସ ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂ ପକ୍ଷରୁ ପଦ୍ମିନୀ କେୟାର ହସ୍ପିଟାଲଠାରେ ବିଶ୍ୱ ଯକ୍ଷ୍ମା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ହସ୍ପିଟାଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା ଯୋଗଦେଇ ଯକ୍ଷ୍ମା ନିରାକରଣ ଲାଗି ସମ୍ମିଳିତ ସହଯୋଗ ନିତାନ୍ତ ଜରୁରୀ ବୋଲି କହିଥିଲେ। ସେହିପରି ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମଗ୍ର ବିଶ୍ୱକୁ ଯକ୍ଷ୍ମା ରୋଗ ମୁକ୍ତ କରିବା ଏବଂ ଏ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାର୍ତ୍ତାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ପ୍ରାଚୀରପତ୍ର 'ଅନନ୍ୟା'ର ସ୍ୱାସ୍ଥ୍ୟ ବିଶେଷାଙ୍କ ଉନ୍ମୋଚନ ଫଟୋଚିତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। ଏଥିସହ ବି. ଏସ୍‌ସି ନର୍ସିଂ ଛାତ୍ରୀଛାତ୍ରଙ୍କ ଦ୍ୱାରା ଯକ୍ଷ୍ମା ରୋଗ ସମ୍ପର୍କରେ ସଚେତନତାଧର୍ମୀ ଏକାଙ୍କିକା ପରିବେଷଣ କରାଯାଇଥିଲା। ଏଥିରେ ନର୍ସିଂ କଲେଜ ନିର୍ଦ୍ଦେଶକ ଲୋକନାଥ ବେହେରା, ଅଧକ୍ଷା ପ୍ରଫେସର ଡ. ପି. କନଙ୍ଗେଶ୍ୱରୀ, ସଚିବ ଇଂ. ଚନ୍ଦ୍ରକାନ୍ତ ପଣ୍ଡା, ପ୍ରାଧାପିକା ସାଇ ସମର୍ପିତା ଏବଂ ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାଧାପକ ଫନୀନ୍ଦ୍ର ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ଉଦ୍ଦେଶ୍ୟରେ ଚକ୍ଷୁ ଚିକିତ୍ସା ଶିବିର

ସାଲେପୁର,୨୪।୩(ଡି.ଏନ୍.ଏ.)

ସାଲେପୁର ବ୍ଲକ ଅନ୍ତର୍ଗତ କଟରପା ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ରଞ୍ଜନ କୁମାର ରାଉଳ ଗୁରୁବାର ଦାୟିତ୍ୱ ଗ୍ରହଣ କରିଥିବା ବେଳେ ପୂର୍ବତନ ସରପଞ୍ଚ ତିଳୋତ୍ତମା ପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପୂର୍ବତନ ସରପଞ୍ଚଙ୍କ ଉଦ୍ଦେଶ୍ୟରେ ଏକ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ସରପଞ୍ଚ ରାଉଳଙ୍କୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ସାହୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ସାଲେପୁର ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ନାରାୟଣ ପତିଙ୍କ ପୌରୋହିତ୍ୟରେ ଏକ ସଭା ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା, ମୁଖ୍ୟ ବକ୍ତା ସାଲେପୁର ପଞ୍ଚାୟତ ସମିତି ଅଧକ୍ଷ ରାମ ଚନ୍ଦ୍ର ଭୋଇ ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ତିଳୋତ୍ତମା, ଅନ୍ୟତମ ଅତିଥିଭାବେ ଜିଲା ପରିଷଦ ସଭ୍ୟ ହର ପ୍ରସନ୍ନ ବେହେରା, ସମିତି ସଭ୍ୟ ଗୟାଧର ମଲ୍ଲିକ, କବି ଚନ୍ଦ୍ରମଣି ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ଚକ୍ଷୁ ଚିକିତ୍ସା ଶିବିରରେ ବହୁ ରୋଗୀ ସେମାନଙ୍କ ଆଖି ପରୀକ୍ଷା କରାଇଥିଲେ। ଏହି ପରିପ୍ରେକ୍ଷୀରେ କବି ଦୁର୍ଗା ପ୍ରସାଦ ମିଶ୍ରଙ୍କ ସହ ବହୁ କବି ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ।




ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଛାତ୍ର ସଂସଦ ପକ୍ଷରୁ ଗୁରୁବାର ଅନୁଷ୍ଠିତ ଜନସଚେତନତା ଶୋଭାଯାତ୍ରା।

## ବିଡିଓଙ୍କୁ ଅଦାଲତ ଅବମାନନା ନୋଟିସ

କଟକ ସଦର,୨୪।୩(ଡି.ଏନ୍.ଏ.)

**ଗୋଚର ଜମିରେ ଶବଦାହ ଗୃହ ନିର୍ମାଣ ପ୍ରସଙ୍ଗ**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ସିଦ୍ଧେଶ୍ୱରପୁର ଗ୍ରାମର ଗୋଚର ଜମିରେ ଶବଦାହ ଗୃହ ନିର୍ମାଣ ପ୍ରସଙ୍ଗକୁ ନେଇ ୨୦୨୦ରେ ଲୋକାୟୁକ୍ତ କୋର୍ଟରେ ମାମଲା ରୁଜୁ ହୋଇଥିଲା। ଏହାର ଉତ୍ତର ଦେବା ପାଇଁ ଅଦାଲତଙ୍କ ପକ୍ଷରୁ କଟକ ସଦର ବିଡିଓ ରାଜୀବ ଲୋଚନ ପରିଡାଙ୍କୁ ନୋଟିସ୍ ଜାରି କରାଯାଇଥିଲା। ହେଲେ ବିଡିଓ ଠିକ୍ ସମୟରେ ଅଦାଲତରେ ଉପସ୍ଥିତ ହୋଇ ଉତ୍ତର ଦେଇ ନଥିଲେ। ଏଣୁ ୨୦୨୨ ମାର୍ଚ୍ଚରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶରେ ବିଡିଓଙ୍କୁ ଅଦାଲତ ଅବମାନନା ନୋଟିସ ଜାରି କରାଯାଇଛି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୬-୨୦୧୭ ଆର୍ଥିକ ବର୍ଷରେ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନରେ ସିଦ୍ଧେଶ୍ୱରପୁର ମୌଜା ଖାତା ନଂ. ୫୨୧, ପ୍ଲଟ୍ ନଂ. ୧୩୨୯ ରେ ଏକ ଶବଦାହ ଗୃହ ନିର୍ମାଣ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା। ଉକ୍ତ ଜମିର କିସମ ଗୋଚର ହୋଇଥିବାରୁ କାମ ବନ୍ଦ ପାଇଁ ସ୍ଥାନୀୟ ଅଞ୍ଚଳର ଜଣେ ସାମାଜିକ କର୍ମୀ ଲୋକାୟୁକ୍ତଙ୍କ କୋର୍ଟରେ ପିଟିଶନ ଦାଏର କରିଥିଲେ। ଏହାପରେ କୋର୍ଟରୁ କଟକ ସଦର ବିଡ଼ିଓଙ୍କ ନିକଟକୁ ନୋଟିସ କରାଯାଇଥିଲା। ଏହି ନୋଟିସ ପାଇବା ପରେ ବିଡିଓ କାମ ବନ୍ଦ କରିବା ସହ ବିଲ୍ ନ କରିବା ପାଇଁ କନ୍ଦରପୁର ପଞ୍ଚାୟତର ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୧୧।୩।୨୦ରେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ନୋଟିସ ଅନୁଯାୟୀ କୋର୍ଟରେ ଜବାବ ଦାଖଲ କରି ନ ଥିଲେ। ଏ ନେଇ ବିଡିଓ ପରିଡାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।